## ହରିଣ ଛୁଆ ଉଦ୍ଧାର

ନନ୍ଦପୁର, ୧୩।୧ (ସମିସ): ନନ୍ଦପୁର ଖୁଜେଲ ଜଙ୍ଗଲରେ ହରିଣ ଛୁଆ ଉଦ୍ଧାର। ପ୍ରାଥମିକ ଚିକିତ୍ସା ପରେ ଜଙ୍ଗଲରେ ଛଡ଼ାଗଲା। କୋରାପୁଟ ଜିଲ୍ଲା ନନ୍ଦପୁର ଅଞ୍ଚଳ ଅଧୀନସ୍ଥ ମାଳିବେଲଗାଁ ଗ୍ରାମ ପଞ୍ଚାୟତର ଖୁଜେଲ ଜଙ୍ଗଲରେ ପ୍ରାୟ ୧ ବର୍ଷ ବୟସର ଏକ ହରିଣ ଛୁଆ ବିଲ ନିକଟରେ ଥିବା ଦେଖି ସ୍ଥାନୀୟ ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ। ହରିଣ ଛୁଆଟି ଏକାକୀ ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା।

## ରାଜସ୍ୱ ଅଧିକାରୀଙ୍କ ଯୋଗଦାନ

କୋଷାଗୁମୁଡା, ୧୩।୧ (ସମିସ): କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟ ଠାରେ ନୂତନ ବରିଷ୍ଠ ରାଜସ୍ୱ ଅଧିକାରୀ ସାଗର ଚୌଧୁରୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟର ପୂର୍ବତନ ବରିଷ୍ଠ ରାଜସ୍ୱ ଅଧିକାରୀ ସୁରେନ୍ଦ୍ର ମୋହନ ଦାସ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବଦଳି ହୋଇ ଯାଇଛନ୍ତି। ବ୍ଲକ୍ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ବିଡିଓ ଆଶିଷ ତ୍ରିପାଠୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

## ଗାଡ଼ି ଧକ୍କାରେ ସାଇକଲ୍ ଆରୋହୀ ମୃତ

ଅମ୍ବାଦଳା, ୧୩।୧ (ସମିସ): ସାଇକେଲ ଆରୋହୀ ଉପରେ ଚଢ଼ିଗଲା ଗାଡ଼ି। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଉତ୍ତ୍ୟକ୍ତ ଲୋକ ଦୀର୍ଘ ୪ ଘଣ୍ଟା ଧରି ରାଜରାସ୍ତା ଅବରୋଧ କରିଥିଲେ। ରାୟଗଡ଼ା - ଭବାନୀପାଟଣା ରାଜରାସ୍ତା କଡ଼ରେ ଶହ ଶହ ଭାରି ଯାନ ଅଟକ ରହିଥିଲା। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ଥାନା ଅଧୀନସ୍ଥ ଇନ୍ଦିରାପଡ଼ା ନିକଟ ରାଜ୍ୟ ରାଜପଥରେ ଘଟିଛି ଏହି ଦୁର୍ଘଟଣା। ମୃତକ ଜଣକ କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନା ଅନ୍ତର୍ଗତ ଶିତାପୁର ଗ୍ରାମର ଈଶ୍ୱର ବେହେରା। ସେ କୌଣସି କାର୍ଯ୍ୟରେ ଅମ୍ବାଦଳା ବଜାର ଆସି ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଖବର ପାଇ ଘଟଣା ସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ଡ୍ରାଇଭର କୁ ଅଟକ ରଖିଛି। କ୍ଷତିପୂରଣ ଦାବିରେ ଲୋକେ ରାଜରାସ୍ତା ଅବରୋଧ କରିଛନ୍ତି। ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ପୁଲିସ ପହଞ୍ଚି ବୁଝାସୁଝା କରୁଥିବା ବେଳେ କ୍ଷତି ପୂରଣ ଦାବିରେ ଆଡି ବସିଥିଲେ ଲୋକେ। ଖବର ଲେଖା ଯିବା ବେଳକୁ ରାସ୍ତା ଅବରୋଧ ହଟି ନଥିଲା।

### ପୋଙ୍ଗଲ ଉପଲକ୍ଷେ ରଙ୍ଗୋଲି ଓ ଝୋଟି ପ୍ରତିଯୋଗିତା

# ସଂସ୍କୃତି ଓ ପରମ୍ପରାକୁ ଉଦ୍‌ଜୀବିତ ରଖିବା ଜରୁରୀ : କୋଣ୍ଡା ବାବୁ



ରାୟଗଡ଼ା, ୧୩।୧ (ସମିସ): ପୋଙ୍ଗଲ ହେଉଛି ତେଲୁଗୁ ସଂପ୍ରଦାୟର ଜୀବନ, ସଂସ୍କୃତି ଓ କୃଷି ପରମ୍ପରାର ଏକ ପ୍ରମୁଖ ଓ ଆନନ୍ଦମୟ ପର୍ବ। ରାୟଗଡାରେ ବସବାସ କରୁଥିବା ତେଲୁଗୁ ସଂପ୍ରଦାୟର ଲୋକେ ମକର ସଂକ୍ରାନ୍ତିରେ ନିଜ ପରମ୍ପରାର ଗଣପର୍ବ "ପୋଙ୍ଗଲ'କୁ ଆନନ୍ଦ ସହକାରେ ଧୁମଧାମରେ ପାଳନ କରିଥାନ୍ତି। ଦକ୍ଷିଣ ଭାରତର ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନା ଭଳି ରାଜ୍ୟରେ ଏହି ପର୍ବକୁ ଗାଁ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଧୁମଧାମରେ ଚାରିଦିନ ଧରି ପାଳନ କରିଥାନ୍ତି। ଓଡିଶା ଆନ୍ଧ୍ର ସୀମାନ୍ତ ରାୟଗଡ଼ା ଜିଲ୍ଲାରେ ମଧ ତେଲୁଗୁ ସଂପ୍ରଦାୟ ଲୋକେ ବସବାସ କରୁଥିବାରୁ ଏହି ପର୍ବ ଆସିଲେ ଜିଲ୍ଲା ଏକ ପ୍ରକାର ଚଳଚଞ୍ଚଳ ହୋଇଉଠିଥାଏ। ଆଜି ରାୟଗଡ଼ା ସହରର ରାଣୀଗୁଡା ଫାର୍ମ ଅଞ୍ଚଳର ମା ମଝିଘରିଆଣୀ ପୂଜା ମଣ୍ଡପ କମିଟି ପକ୍ଷରୁ ପୋଙ୍ଗଲ ପାଳନ ଅବସରରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ଜଣ ମହିଳା ଅଂଶଗ୍ରହଣ କରି ଅତିସୁନ୍ଦର ରଙ୍ଗୋଲି ପକାଇଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା ଟ୍ରକ ମାଲିକ ସଂଘ ସଭାପତି ତଥା ବିଜେପିର ବରିଷ୍ଠ ନେତା ୟାଲ୍ଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ କୃତୀ ପ୍ରତିଯୋଗୀ ହରିକା, ନିରୁପମା ମହାପାତ୍ର, ରାମୟାଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ବିତରଣ କରିଥିଲେ। ନିଜ ପରମ୍ପରାକୁ ଉଦଜୀବିତ କରି ରଖିବା ଏବଂ ଲୋକଲୋଚନକୁ ଆଣିବା ପାଇଁ ସବୁବେଳେ ପ୍ରୟାସ ଜାରି ରଖିବା ପାଇଁ କହିଥିଲେ।

## ଆରମ୍ଭ ହେଲା ସରକାରୀ ବସ୍ ସେବା

ବୈପାରୀଗୁଡ଼ା, ୧୩।୧ (ସମିସ): ବୈପାରିଗୁଡା ବ୍ଲକର ବିଭିନ୍ନ ଅଞ୍ଚଳକୁ ଲକ୍ଷ୍ମୀ ବସ ଚାଲୁଥିବା ବେଳେ କେନ୍ଦୁଗୁଡା ଗ୍ରାମପଞ୍ଚାୟତର କିଛି ଗ୍ରାମକୁ ସରକାରୀ ବସ ଯାଉ ନଥିଲା । ଯାହାକୁ ନେଇ ଆଇନଜୀବୀ ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ କେନ୍ଦୁଗୁଡ଼ା ପଞ୍ଚାୟତର ୯ ଖଣ୍ଡ ଗାଁ ଯଥା କୁମ୍ଭାରଗୁଡ଼ା, ବୁଡ୍ରାଗୁଡ଼ା, ଶୁଣ୍ଡିଗୁଡ଼ା, ହରିନାୟକ ଗୁଡ଼ା, ଦିସାରିଗୁଡ଼ା, ଚେରକିଆଗୁଡ଼ା, ରାଙ୍ଗିନିଗୁଡ଼ା, ମୁର୍ଜିଆ ଗୁଡା ଭାଲୁଗୁଡ଼ା ଭଳି ଅନେକ ଗାଁ ଲୋକେ ବସ ସେବା ଯୋଗାଇଦେବା ପାଇଁ ଦାବି କରିଥିଲେ। ସ୍ଥାନୀୟ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ନିବେଦିତା ଦଣ୍ଡସେନାଙ୍କୁ ନିକଟରେ ଫେରାଦ ହୋଇଥିଲେ। ଦୀର୍ଘ ଦିନର ଦାବି ପରେ ଆଜି କେନ୍ଦୁଗୁଡା ପଞ୍ଚାୟତକୁ ସରକାରୀ ବସ୍ ଚଳାଚଳ ଆରମ୍ଭ କରିଛି। ପଞ୍ଚାୟତରେ ବସ୍ ପହଞ୍ଚିବା ମାତ୍ରେ ପଞ୍ଚାୟତବାସୀ ଲକ୍ଷ୍ମୀ ବସକୁ ପୂଜାର୍ଚ୍ଚନା କରିଥିଲେ। ବ୍ଲକ ପ୍ରଶାସନ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ୯ ଖଣ୍ଡ ଗ୍ରାମବାସୀ ।

## କୁନ୍ଦୁରାରୁ ଆରମ୍ଭ ହେଲା ସରକାରୀ ବସ୍ ସେବା

କୁନ୍ଦୁରା, ୧୩।୧ (ସମିସ): କୁନ୍ଦୁରା ବ୍ଲକ ପଖନାଗୁଡା ଠାରୁ ଜୟପୁରକୁ ଆରମ୍ଭ ହେଲା ସରକାରୀ ବସ ସେବା। କୁନ୍ଦୁରାବାସୀଙ୍କ ଦୀର୍ଘ ଦିନର ଆଶା ପୂରଣ ହେଲା। ଗତ ଦିନରେ ଯେତିକି ସରକାରୀ ବସ ଚାଲିଥିଲା ତାହା କେବଳ ବ୍ଲକ ଭିତରେ ଯାତାୟତ କରୁଥିବା ବେଳେ ବର୍ତ୍ତମାନ ବ୍ୟବସାୟର ପ୍ରାଣକେନ୍ଦ୍ର ଜୟପୁର ନିମନ୍ତେ ଗମନାଗମନ ସୁବିଧା ହେବ। କୋଟପାଡ଼ ବିଧାୟକଙ୍କ ନିକଟରେ କିଛି ଦିନ ପୂର୍ବରୁ କିଛି ବରିଷ୍ଠ ନାଗରିକ କୁନ୍ଦୁରାଠାରୁ ଜୟପୁର ଯାତାୟତ ନିମନ୍ତେ ଅନୁରୋଧ କରିଥିଲେ। ଏହାକୁ ନେଇ ବିଧାୟକ ମନ୍ତ୍ରୀ, ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଏବଂ ଜିଲ୍ଲପାଳଙ୍କ ସହ ଆଲୋଚନା କରି ସୋମବାର ଠାରୁ ଏହି ସେବା ମିଳୁଥିବାରୁ ଅଞ୍ଚଳବାସୀ ବେଶ ଆନନ୍ଦିତ ହୋଇଛନ୍ତି। ୧୯୯୫ ମସିହା ପୂର୍ବରୁ ଯେତେବେଳେ ଗମନାଗମନ ର ଘୋର ଅସୁବିଧା ରହିଥିଲା ସେତେବେଳେ ଏକ ସରକାରୀ ବସ ବଙ୍ଗର ପାଉଁଶି କୋଲାବ ନଦୀ ପର୍ଯ୍ୟନ୍ତ ଆସୁଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା ବନ୍ଦ ରହିଥିଲା । ସୋମବାର ଏହି ସେବା କୁନ୍ଦୁରା ବ୍ଲକ ସଦର ମହକୁମା ସ୍ଥିତ ନୂତନ ବସ ଷ୍ଟାଣ୍ଡ ନିକଟରୁ ଶୁଭାରମ୍ଭ କରାଯାଇଥିବା ସମୟରେ ଏମପି ପ୍ରତିନିଧି ଅମ୍ବୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରି ନାରାୟଣ ଆଚାର୍ଯ୍ୟ, କୁନ୍ଦୁରା ମଣ୍ଡଳ ସଭାପତି ପଦ୍ମନାଭ ବିଷୋୟୀ, କୁନ୍ଦୁରା ମଣ୍ଡଳ ସମ୍ପାଦକ ତ୍ରିନାଥ ନାୟକ, ତୁଷାର ଭଞ୍ଜ, ରଞ୍ଜିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ନନ୍ଦପୁର, ୧୩।୧ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ କୁଲାବିର ଗ୍ରାମ ପଞ୍ଚାୟତ ଅଧୀନସ୍ଥ ମାଳିସୁବଲାର ଗ୍ରାମରେ ଆଜି ସଂକୀର୍ତ୍ତନ ମଣ୍ଡଳୀ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଉଦ୍ୟମରେ ମକର ସଂକ୍ରାନ୍ତି ଉତ୍ସବ ଓ ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂକୀର୍ତ୍ତନ ମଣ୍ଡଳୀ ବ୍ଲକ ସମ୍ପାଦକ କୁନା ଚାଲାଣ, ରବିନ୍ଦ୍ର ରାମସି ଓ ବିହାରୀ ଲାଲ୍ ପଣ୍ଡା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ବୈଠକରେ କୁଲାବିର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୨୦ଟି ଗାଁର ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଗ୍ରାମବାସୀମାନେ ଉପସ୍ଥିତ ହୋଇ ସମ୍ମିଳିତ ପ୍ରୟାସରେ କାର୍ଯ୍ୟକ୍ରମକୁ ସଫଳ କରିବାକୁ ନିଷ୍ପତ୍ତି ନେଇଥିଲେ।

## ୧୦ ଚୋରି ମୋବାଇଲ ଫୋନ୍ ଜବତ, ୩ ଗିରଫ

ରାୟଗଡ଼ା, ୧୩।୧ (ସମିସ): ରାୟଗଡ଼ା ସରକାରୀ ରେଳବାଇ ପୁଲିସ କୁ ମିଳିଛି ଏକ ସଫଳତା। ରେଳବାଇ ଷ୍ଟେସନ ପ୍ଲାଟଫର୍ମ ତଥା ରେଳରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ଠାରୁ ମୋବାଇଲ ଚୋରି କରୁଥିବା ୩ ଜଣ ଆନ୍ତଃରାଜ୍ୟ ଚୋରଙ୍କୁ ଆଜି ରାୟଗଡ଼ା ଜିଆରପି ପୁଲିସ ରାୟଗଡ଼ା ରେଳ ଷ୍ଟେସନରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଡିଏସପି ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସୁନ୍ଦରପ୍ରେମ କୁମାର (୨୩), ସାମ୍ବନା ସଂଜୟ (୨୪) ଓ ଆଣ୍ଟୋନୀ ଗୋସ୍ୱାମୀ (୨୪)। ସମସ୍ତଙ୍କ ଘର ଆନ୍ଧ୍ର ପ୍ରଦେଶର ପାବର୍ତୀପୁରମ୍ ଅଞ୍ଚଳରେ ବୋଲି ଜଣାପଡ଼ିଛି। ପୁଲିସ ସେମାନଙ୍କ ଠାରୁ ଚୋରି ହୋଇଥିବା ବିଭିନ୍ନ ବ୍ରାଣ୍ଡର ୧୦ଟି ଦାମୀ ମୋବାଇଲ ଜବତ କରିଛି। ଜିଆରପି ଓ ଆରପିଏଫ ପୁଲିସ ମିଳିତ ଭାବେ ରାୟଗଡ଼ା ରେଳ ଷ୍ଟେସନର ବିଭିନ୍ନ ପ୍ଲାଟଫର୍ମରେ ଯାଞ୍ଚ କରୁଥିବା ସମୟରେ ଅଭିଯୋଗ ପ୍ରକାରେ ଉକ୍ତ ୩ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ। ଆନ୍ଧ୍ରର ପାର୍ବତୀପୁରମ ଥାନା ପୁଲିସ ରାୟଗଡ଼ାରେ ପହଞ୍ଚି ଅଭିଯୁକ୍ତମାନଙ୍କ ତଥ୍ୟ ପ୍ରଦାନ କରି ଫେରିଥିବା ବେଳେ ଜବତ ମୋବାଇଲଗୁଡିକୁ ଅଭିଯୋଗକାରୀ ତଥା ପ୍ରକୃତ ମାଲିକଙ୍କୁ ପ୍ରଦାନ କରାଯିବ ବୋଲି ଡିଏସପି ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି। ଆଜି ଏହି ଯାଞ୍ଚ ବେଳେ ରାୟଗଡ଼ା ଜିଆରପି ଥାନା ଅଧିକାରୀ ଇନ୍ସପେକ୍ଟର ବିନୟ ପ୍ରକାଶ ମିଂଜ, ଆରପିଏଫ ଏସଆଇ ସ୍ୱରାଜ ବାରିକ, ତଦନ୍ତକାରୀ ପୋଲିସ ଅଧିକାରୀ ଏଏସଆଇ ସୀତାଂଶୁ ପଟ୍ଟନାୟକ, ଏଏସଆଇ ମାଣିକ ଚନ୍ଦ୍ର ଗୌଡ଼, ଏସଆଇ ସନ୍ତୋଷ ପରିଡା ପ୍ରମୁଖ ସାମିଲ ଥିଲେ।

## ଜାତୀୟ ଯୁବଦିବସ ପାଳିତ

ଜୟପୁର, ୧୩।୧ (ସମିସ): ଜୟପୁର ସହରର ଅରବିନ୍ଦ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ଶିବରାମ ନିଶଙ୍କ ଯୋଗ ଦେଇଥିଲେ। ବିଦ୍ୟାଳୟପରିଚାଳନାସମିତିରସଭାପତିପ୍ରେମାନନ୍ଦନାୟକଉପସ୍ଥିତରହିକାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅଭସରରେ ପ୍ରଧାନଆଚାର୍ଯ୍ୟ ଡ. ରମଣୀ ରଞ୍ଜନ ଦାସ ଉତ୍ସବ ବିଷୟରେ ସମ୍ୟକ ସୂଚନା ଦେଇଥିଲେ। ସମସ୍ତେ ବନ୍ଦେ ମାତରମ୍ ଗାନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ସ୍ଥାନୀୟ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଠାରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏନଏସଏସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ପରେ ବିଦ୍ୟାଳୟ ପରିସରରେ ଏକ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କୁଳସଚିବ ମହେଶ୍ୱର ନାୟକ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତା ଶୁଭାରମ୍ଭ କରିଥିଲେ। ବନ୍ଦେ ଉତ୍କଳ ଜନନୀ ଗୀତ ଗାନ କରାଯାଇଥିଲା।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଯୁବ ଦିବସ

କୋରାପୁଟ, ୧୩।୧ (ସମିସ) ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କୋରାପୁଟ ଠାରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଯୁବ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ପ୍ରଚାରକ ତଥା ଅଖିଳ ଭାରତୀୟ ଇତିହାସ ସଙ୍କଳନ ଯୋଜନାର ରାଷ୍ଟ୍ରୀୟ ସମ୍ପର୍କ ପ୍ରମୁଖ କମଳେଶ ଦାଶ ଓ ସମ୍ମାନୀତ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ନରସିଂହ ଚରଣ ପଣ୍ଡା ଏବଂ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଂପାଦିକା ସୁନୀତା ନାୟକ ଯୋଗ ଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ବିଭୁଦତ୍ତ ମହାପାତ୍ର, ଯୁଗ୍ମ ସମ୍ପାଦିକା ସସ୍ମିତା ବେହେରା, କୋଷାଧ୍ୟକ୍ଷ ଏନ. ରମେଶ, ସଦସ୍ୟ ପ୍ରହଲ୍ଲାଦ ସାହୁଙ୍କ ସମେତ ଇତିହାସ ସଙ୍କଳନ ଯୋଜନାର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ



ସେମିଳିଗୁଡା, ୧୩।୧ (ସମିସ): ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଏବଂ ବନ୍ଦେ ମାତରମ୍ ଜାତୀୟ ସଙ୍ଗୀତର ୧୫୦ ତମ ବାର୍ଷିକୀ ପାଳନ ନିମନ୍ତେ କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ତରଫରୁ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ସଭାକାର୍ଯ୍ୟ ପ୍ରାରମ୍ଭରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଓ ଛାତ୍ରଛାତ୍ରୀ ମିଳିତ ଭାବେ "ବନ୍ଦେ ମାତରମ" ସଙ୍ଗୀତ ଗାନ କରିବା ସହିତ ସ୍ୱଦେଶୀ ସଂକଳ୍ପ ପତ୍ର ପାଠ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍ସି ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭା କାର୍ଯ୍ୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କର୍ମକର୍ତ୍ତା ଦିବ୍ୟଜ୍ୟୋତି ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ରମେଶ କୁମାର ମଲ୍ଲିକ ଓ ସ୍ନିଗଧା ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ଏବଂ ପରିଚାଳିତ ଏହି ସଭା କାର୍ଯ୍ୟରେ ଦେବରାଜ ନାୟକ, ଡ. ଶୁଭ୍ରାଂଶୁ ସୁନ୍ଦର ଦାସ, ଡ. ଗୀତା ପଟ୍ଟନାୟକ, ହରପ୍ରସାଦ ପତି , ଡ. ବିଦ୍ୟୁତପ୍ରଭା ରାଉତ ପ୍ରମୁଖ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ସଭା କାର୍ଯ୍ୟର ଶେଷରେ ଯୁବ ଦିବସ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଡବଲ ଇଞ୍ଜିନ ସରକାରକୁ କଂଗ୍ରେସର ସମାଲୋଚନା

ନବରଙ୍ଗପୁର ୧୩।୧ (ସମିସ) ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁଶ୍ରୀ ଲିପିକା ମାଝୀ ଙ୍କ ଅଧ୍ୟକ୍ଷତାରେ ଏକ ସମ୍ବାଦଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ତୁଫାନ୍ ଷଡଙ୍ଗୀ, ବରିଷ୍ଠ ନେତା ଶିବରାମ ରାଜୁ, ଗଣେଷ ପଟ୍ଟନାୟକ, ବାସୁଦେବ ପଟ୍ଟନାୟକ, ସୁଶ୍ରୀ ହୁସନା ବାନ, ହାଇସା ବାନ, ଗୋପାଳ ତ୍ରିପାଠୀ, ମୁକେଶ ଗୁପ୍ତାଙ୍କ ସହ ଅନେକ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଜି ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁଶ୍ରୀ ମାଝୀ ଦେଶ ତଥା ରାଜ୍ୟରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ଭୁଲି ଯାଇଥିବା କହିଥିଲେ। ମନରେଗା ନାମ ପରିବର୍ତ୍ତନକୁ ମଧ ନିନ୍ଦା କରାଯାଇଥିଲା। ସରକାର ଶାସନକୁ ଆସିବା ପୂର୍ବରୁ ପ୍ରତ୍ୟେକ ବିଦ୍ୟୁତ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ଛାଡ଼, ପ୍ରତ୍ୟେକ ଚାଷୀଙ୍କୁ ନିଜ ଚାଷ ଜମିରେ ଚାଷ ନିମନ୍ତେ ଫ୍ରି ବିଜୁଳି ପ୍ରଦାନ, ଆଜି ଫସର ପାଲଟି ଯାଇଛି। ଘରୋଇ ସଂସ୍ଥା ଟାଟା ପାୱାର ଦ୍ୱାରା ସ୍ମାର୍ଟ ମିଟର ଜୋର ଜବରଦସ୍ତ ଲଗାଇ ପୂର୍ବ ଅପେକ୍ଷା ବହୁ ଗୁଣରେ ଅଧିକ ପଇସା ଆଦାୟ କରାଯାଉଛି। ଲୋକଙ୍କ୍ ସମସ୍ୟା ଦୂର ନହେଲେ ଦଳ ରାଜରାସ୍ତାକୁ ଓହ୍ଲାଇବା ସହ ଆଇନକୁ ହାତକୁ ନେବାରେ ପଛଘୁଞ୍ଚା ଦେବ ନାହିଁ ବୋଲି ସଭାପତି ଲିପିକା ମାଝୀ ସରକାରଙ୍କୁ ଚେତାବନୀ ଦେଇଛି। ଅନ୍ୟ ପକ୍ଷରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ବର୍ତ୍ତମାନ ଜିଲ୍ଲାରେ ଚାଲିଥିବା ଧାନ ମଣ୍ଡି ରେ ଚାଷୀଙ୍କ ଦୂରାବସ୍ଥାକୁ ନେଇ ଉଦବେଗ ପ୍ରକାଶ କରି ସରକାରଙ୍କୁ ଦୃଢ଼ ସମାଲୋଚନା କରିଥିଲେ।































# ରାଜ୍ୟସଭା ସାଂସଦଙ୍କ ସହ ଯୁବ ବିଜେଡି ନେତାଙ୍କ ଆଲୋଚନା



କୋରାପୁଟ,୧୩।୧(ସମିସ): ନବ ନିଯୁକ୍ତ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ତଥା ଲକ୍ଷ୍ମୀପୁର ଅଞ୍ଚଳର ଯୁବ ସମାଜସେବୀ ଶଙ୍କର ସାଉନ୍ତା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ଦଳୀୟ ସଂଗଠନ ଓ ଆସନ୍ତା ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି। ଦାମନଯୋଡି ଗେଷ୍ଟ ହାଉସରେ କୋରାପୁଟ ଜିଲ୍ଲାରେ ବିଶେଷ କରି ଉପାନ୍ତ ଲକ୍ଷ୍ମୀପୁର ଅଞ୍ଚଳରେ ବିଜୁ ଜନତା ଦଳର ସଂଗଠନ ସୁଦୃଢ଼ କରିବା, ବର୍ତ୍ତମାନ ସରକାରର ବିଫଳତାକୁ ଲୋକ ଲୋଚନକୁ ଆଣିବା ଉପରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଉଭୟଙ୍କ ସାକ୍ଷାତ ଓ ଆଲୋଚନା ସମୟରେ ଯୁବ ନେତା ଗୁପ୍ତ କୁଳଦୀପ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗୁଡ଼ାରୀ ପଞ୍ଚାୟତ ସମିତି ସମୀକ୍ଷା ବୈଠକ

ଗୁଡାରୀ, ୧୩।୧(ସମିସ): ଗୁଡାରୀ ବ୍ଲକ୍ ସଦ୍‌ଭାବନା ଗୃହରେ ସୋମବାର ଦିନ ପଞ୍ଚାୟତ ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଲୋକସଭା ସାଂସଦ ସପ୍ତଗୀରି ଉଲ୍ଲାକା ଏବଂ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗ ଦେଇଥିବା ବେଳେ ଗୁଡାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସୁଚିସ୍ମିତା ବେହେରା, ଏବିଡିଓ ଉପସ୍ଥିତ ଥିଲେ। ଶ୍ରୀ ଉଲ୍ଲାକା ପଞ୍ଚାୟତର ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଗୁଡ଼ାରୀ ଏନଏସିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଦୟନୀୟ ଅବସ୍ଥା କେବେ ସୁଦ୍ଧା ସୁଧୁରିବ ବୋଲି ସମାଜିକ କର୍ମୀ ତଥା ସକାଳ ବ୍ଲକ ପ୍ରତିନିଧି ଶ୍ରୀନିବାସ ପାଢ଼ୀ ବୈଠକରେ ପଚାରି ବୁଝିବାରୁ ସାଂସଦ କହିଛନ୍ତି, ୨୧୬ ନଂ ଜାତୀୟ ରାଜପଥରେ ଗୁଡାରି ଭାୟା ଚନ୍ଦ୍ରପୁର ଫୁଲବାଣୀକୁ ସଂଯୋଗ କରିବା ପାଇଁ ସଂସଦରେ ପ୍ରସ୍ତାବ ରଖାଯାଇଛି। ଅନ୍ୟପଟେ ସାଂସଦ ସପ୍ତଗିରି ଉଲାକା ଏବଂ ବିଧାୟକ ସତ୍ୟଜିତ ଗମାଙ୍ଗ ଗୁଡାରୀଠାରୁ ରାଜଧାନୀ ଭୁବନେଶ୍ୱର, ବିଶାଖାପାଟନା ଏବଂ ଜୟପୁରକୁ ବସ ଚଳାଚଳ କରିବା ପାଇଁ ସମସ୍ତ ପ୍ରକାରର ଚେଷ୍ଟା କରାଯିବ ବୋଲି କହିଛନ୍ତି। ଦୀର୍ଘ ବର୍ଷ ପରେ ସାଂସଦଙ୍କ ଉପସ୍ଥିତିରେ ପଞ୍ଚାୟତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲେ ମଧ ଏଥିରେ ଅଧକ୍ଷା ଲକ୍ଷ୍ମୀ ଶବର ଉପସ୍ଥିତ ଥିବା ବେଳେ ବାକି ସମିତି ସଭ୍ୟ ସରପଞ୍ଚଙ୍କ ଏହି ବୈଠକରେ ଅନୁପସ୍ଥିତ ରହିବା ସାଧାରଣରେ ଆଲୋଚନା ହେଉଛି।

# ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ

ରାୟଗଡ଼ା,୧୩।୧(ସମିସ): ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଏବଂ ବାର୍ଷିକ କ୍ରୀଡା ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ସରକାରୀ ଓକିଲ ପଦ୍ମନାଭ ଦାଶ, ସମ୍ମାନିତ ଅତିଥି ରୂପେ ରାୟଗଡ଼ା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ଚୌଧୁରୀ ସଭାପତିତ୍ୱ କରିଥିଲେ। ବାର୍ଷିକ କ୍ରୀଡାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାମୂହିକ "ବନ୍ଦେ ମାତରମ୍'ଗାନ ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଏହି ଉତ୍ସବର ପରିଚାଳନାରେ ବିଦ୍ୟାଳୟର ଗୁରୁଜୀ ଧୀରେନ୍ଦ୍ର ମିଶ୍ର, ଦିଲ୍ଲୀପ ପ୍ରଧାନ, ହୃଷୀକେଶ ପାତ୍ର, ମାନସୀ ଚୌଧୁରୀ, ମନୋଜ ପଢ଼ିହାରୀ, ସୁଜାତା ପାଢ଼ୀ, ବିଶ୍ୱଜିତ୍ ପାତ୍ର, ଗଗନ ବିହାରୀ ନାଏକ, ସତ୍ୟ ପ୍ରକାଶ ନାଏକ ସହ ସମସ୍ତ ଗୁରୁଜୀ ଓ ଗୁରୁମାମାନେ ସହଯୋଗ କରିଥିଲେ।

# ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ

ରାୟଗଡ଼ା,୧୩।୧(ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ପିଏମଶ୍ରୀ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ଶନିବାର ଦିନ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ନମିତା ପ୍ରଧାନଙ୍କ ସଭାପିତ୍ୱରେ ଆୟୋଜିତ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝି, ସମ୍ମାନିତ ଅତିଥି ଭାବେ ପଞ୍ଚଶଖା ଶିକ୍ଷା ସେତୁ ସଭାପତି ଡ.ରାଜେଶ କୁମାର ପାଢୀ, ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଅଧ୍ୟକ୍ଷା ସରସ୍ୱତୀ ରାଏ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଜାତୀୟ ଯୁବ ଦିବସ ପାଳିତ

ମାଲକାନଗିରି, ୧୩।୧(ସମିସ): ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ମାଲକାନଗିରି ଜିଲ୍ଲା ଶାଖା ଓ ଘଡାଇ ଶିକ୍ଷା ସଂସ୍ଥାନ, ମାଲକାନଗିରିଙ୍କ ଆନୁକୁଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଘଡ଼ାଇ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ,ମୁଖ୍ୟବକ୍ତା ରବିନ୍ଦ୍ର କୁମାର ମହାରଣା, ସମ୍ମାନିତ ଅତିଥିଭାବେ ଲୋକ ସଂସଦର ସଭାପତି ଡଃ ରଞ୍ଜନ କୁମାର ସ୍ୱାଇଁ ଓ କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ନାୟକ ଯୋଗଦାନ କରିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ସଭାପତି ଡଃ ରଞ୍ଜାନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥଇଲେ। ସ୍ୱାମୀ ବିବେକାନନ୍ଦ ଲୋକସଂସଦର ଉକ୍ରଳ କଳା ଓ ସଂସ୍କୃତି ବିଭାଗ ଦ୍ୱାରା ବିଗତ ଦିନରେ ଅନୁଷ୍ଠିତ ଚିତ୍ରକଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ସହ ପ୍ରମାଣପତ୍ର ବିତରଣ କରିଥିଲେ। ଲୋକସଂସଦର କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଣିକଖୋଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା

# ୩୨ ଛାତ୍ରଛାତ୍ରୀ ମଧ୍ୟାହ୍ନଭୋଜନରୁ ବଞ୍ଚିତ

ରାୟଗଡ଼ା,୧୩।୧(ସମିସ): ଆଜି ଉପାନ୍ତ ରାୟଗଡ଼ା ଜିଲ୍ଲା ସଦର ବ୍ଲକ ପୀତାମହଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତଥା ଜେମାଦେଇପେଣ୍ଠ କ୍ଲଷ୍ଟର ମାଣିକଖୋଲା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ଅଧ୍ୟୟନ କରୁଥିବା ୩୨ଜଣ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ହୋଇ ଭୋକ ଉପାସରେ ରହିଛନ୍ତି। କିଛି ଛାତ୍ରଛାତ୍ରୀ ନିଜ ଘରକୁ ଖାଇବାକୁ ଯାଇଥିଲେ। ଯେଉଁ ଛାତ୍ରଛାତ୍ରୀମାନଙ୍କ ଅଭିଭାବକମାନେ ବାହାରକୁ ଯାଇଥିଲେ, ସେମାନଙ୍କ ପିଲାମାନେ ଗାଁ ଦୋକାନରୁ କୁରକୁରେ ଖାଇ ଦିନର ଭୋକ ମେଣ୍ଟାଇଥିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଆଜି ବିଦ୍ୟାଳୟର ରୋଷେୟାଙ୍କ ଦେହ ଭଲ ନ ଥିବାରୁ ସେ ଆସି ନ ଥିବା ବେଳେ ବିଦ୍ୟାଳୟ ପ୍ରଧାନଶିକ୍ଷକ ମହେନ୍ଦ୍ର ବିଭୋର ଏ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରି ନଥିଲେ। ବିଦ୍ୟାଳୟର ୩୨ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ସମୟରେ ଖାଇବାକୁ ଦିଆଯାଉ ନ ଥିବାରୁ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ନିଜ ନିଜ ଘରକୁ ଯାଇ ଖାଇବାକୁ କହିଥିଲେ ବୋଲି କିଛି ଛାତ୍ର ପ୍ରକାଶ କରିଛନ୍ତି। ଏଭଳି ଘଟଣାକୁ ନେଇ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ଭାରପ୍ରାପ୍ତ ରାୟଗଡ଼ା ବିଇଓ ଭଜନଲାଲ ମାଝିଙ୍କ ପ୍ରତିକ୍ରିୟା ନେବାରୁ ଘଟଣା ସମ୍ପର୍କର୍ରେ ସେ ଅପରାହ୍ନ ୪ଟା ସମୟରେ ଖବର ପାଇଥିଲେ। ତଥାପି ବିକଳ୍ପ ବ୍ୟବସ୍ଥାରେ ପିଲାଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିବା ନିୟମ ରହିଥିବା ବେଳେ କେଉଁ କାରଣରୁ ପ୍ରଧାନ ଶିକ୍ଷକ ପିଲାଙ୍କୁ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ କରି ପିଲାଙ୍କୁ ଘରକୁ ପଠାଇ ଦେଇଥିଲେ ସେ ନେଇ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ରାୟଗଡ଼ା ଜିଲ୍ଲାରେ ଡ୍ରପ୍ ଆଉଟ୍ ସଂଖ୍ୟା ଉଦ୍‌ବେଗଜନକ ରହିଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳା ନିୟମିତ ବିଦ୍ୟାଳୟକୁ ଆସୁଥିବା ପିଲାଙ୍କ ମନରେ ପାଠପଢାରୁ ବ୍ୟାହତ ହେବାରେ ସହାୟକ ହୋଇପାରେ ବୋଲି ଅଭିଭାବକ ମହଲରେ ଚର୍ଚ୍ଚା ଶୁଣିବାକୁ ମିଳୁଛି।

# ସଡ଼କ ସୁରକ୍ଷା ସଚେତନତା

କଲ୍ୟାଣସିଂହପୁର,୧୩।୧(ସମିସ): ଆଜି ରାୟଗଡା ଜିଲ୍ଲାର କଲ୍ୟାଣ ସିଂହପୁର ବ୍ଲକ ସଦର ଠାରେ ନାଟକ ମଧ୍ୟରେ ଲୋକଙ୍କୁ ସଚେତନତା ସୃଷ୍ଟି କରାଯାଇଛି। ରାସ୍ତାରେ ଯାନରେ ଗଲାବେଳେ ମୋବାଇଲ ବ୍ୟବହାର ନ କରିବା, ଚାରିଚକିଆ ଯାନରେ ଗଲେ ସିଟ ବେଲ୍ଟ ଲଗାଇବା, ଗାଡି ଧୀରେ ଚଲାଇ କରି ଦୁର୍ଘଟଣା ଶିକାର ନହେବା, ଦୁର୍ଘଟଣ ରେ ମୃତ୍ୟୁ ହୋଇଥିବା ପରିବାରର ଅବସ୍ଥା କଣ ହେବ ନାଟକରେ ଚିତ୍ରଣ କରାଯାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ଏହି ସଚେତନା ସୃଷ୍ଟି କରାଯାଇଥିଲା।

# ଧାନମଣ୍ଡି ସମସ୍ୟା, ୬୦୦ ଚାଷୀ ପ୍ରଭାବିତ

## ଜିଲ୍ଲାପାଳଙ୍କୁ ଜିଲ୍ଲା ପରିଷଦ ସଭ୍ୟାଙ୍କ ଦରଖାସ୍ତ



ମାଥିଲି,୧୩।୧(ସମିସ):ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସାଲିମି, କର୍ତ୍ତନପାଲ୍ଲୀ, କିଆଙ୍ଗ, ମହୁପଦର ମଣ୍ଡିରେ ଧାନ ଉଠାଣ ସମସ୍ୟା ଗୁରୁତ୍ୱପୂର୍ଣ୍ଣ ଆକାର ନେଇଛି। ପୂର୍ବରୁ ସାଲିମ ମଣ୍ଡିରେ ୭,୫୦୦ କ୍ୱିଣ୍ଟାଲ ଧାନ ଉଠାଣ ପାଇଁ ଅନୁମତି ମିଳିଥିଲେ ମଧ ବର୍ତ୍ତମାନ ୩ଟି ମଣ୍ଡିରେ ୬,୦୦୦ କ୍ୱିଣ୍ଟାଲରୁ ଅଧିକ ଧାନ ପଡ଼ି ରହିଛି। ଏହି ପରିସ୍ଥିତି ଫଳରେ ୬୦୦ରୁ ଅଧିକ ଚାଷୀଙ୍କ ମଣ୍ଡି ଟୋକନ୍ ଅପେକ୍ଷାରେ ରହିଛି। ଏଥିପାଇଁ ଅତିରିକ୍ତ ୧୦,୦୦୦ କ୍ୱିଣ୍ଟାଲ ଧାନ ଉଠାଣ ଅତ୍ୟାବଶ୍ୟକ ବୋଲି କୁହାଯାଉଛି। ଏହି ସମସ୍ୟାକୁ ନେଇ ମାଥିଲି ଜୋନ-୧ର ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ଜିଲ୍ଲାପାଳଙ୍କୁ ଲିଖିତ ଦରଖାସ୍ତ ଦେଇ ଏହାର ସମାଧାନ ଅନୁରୋଧ କରିଛନ୍ତି।

# ବାଇକ୍- ବୋଲେରୋ ମୁହାଁମୁହିଁ, ଜଣେ ମୃତ

ବିଷମ କଟକ,୧୩।୧(ସମସ): ରାୟଗଡା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ଡେଗାଲ ବୁଡୁଣି ଛକ ନିକଟରେ ବାଇକ୍ ଓ ବୋଲେରୋ ମୁହାଁମୁହିଁ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଖବର ନେବାରୁ ଜଣାପଡିଛି ଯେ ଆଜି ମଧ୍ୟାହ୍ନରେ ବିଷମ କଟକ ବ୍ଲକ ଅନ୍ତର୍ଗତ ଡେଗାଲ ବୁଡୁଣି ଗ୍ରାମର ମହେଶ୍ୱର କୁଶୁଲିଆ, ରମାଦେବୀ ପାଣି ଏବଂ ଝୁନୁ କୁଶୁଲିଆ ଏକ ମଟର ସାଇକଲରେ ବିଷମ କଟକ ଆସୁଥିବା ବେଳେ ଗୁଣୁପୁରରୁ ଏକ ବୋଲେର ସହ ବୁଡୁଣି ଛକ ମୁଖ୍ୟରାସ୍ତାରେ ଦୁର୍ଘଟଣା ଘଟିଛି। ବାଇକ୍‌ଟି ହଠାତ୍ ମୁଖ୍ୟ ରାସ୍ତା ଉପରକୁ ଆସିଯାଇଥିବା ବେଳେ ବୋଲେର ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ରମାଦେବୀ ପାଣିଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଆହତ ଦୁଇ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ ବିଷମ କଟକ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଏବଂ ଦୁର୍ଘଟଣା ଘଟିଥିବା ଦୁଇ ଗାଡିକୁ ଜବତ କରିଛି ।

# ଅମ୍ବାଦଳା ଆଇଆଇସିଙ୍କୁ ଡିଜିପି ଡିସ୍କ ଆୱାର୍ଡ



ଅମ୍ବାଦଳା,୧୩।୧(ସମିସ): ଓଡିଶା ପୁଲିସ ମହାନିର୍ଦ୍ଦେଶକଙ୍କ ଦ୍ୱାରା ମର୍ଯ୍ୟାଦାଜନକ ଡିଜିପି ଡିସ୍କରେ ସମ୍ମାନିତ ହୋଇଛନ୍ତି ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରା। କଟକର ବକ୍ସିବଜାରର ରିଜର୍ଭ ପୁଲିସ ଲେନର ସିନିୟର ଅଫିସରସ୍ ମେସ୍ ନିକଟସ୍ଥ ଆର.କେ.ପାଢି ମେମୋରିଆଲ୍ ହଲରେ ଆୟୋଜିତ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ଅସାଧାରଣ ସେବା, କର୍ତ୍ତବ୍ୟ ପ୍ରତି ନିଷ୍ଠା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବାରେ ଉଲ୍ଲେଖନୀୟ ନେତୃତ୍ୱ ପାଇଁ ଡିଜିପିଙ୍କ ଡିସ୍କ ପାଇଁ ମନୋନୀତ କରାଯାଇ ଥିବା ଜଣାପଡିଛି। ଏହି ଆୱାଡର୍ ପାଇବା ପରେ ଅମ୍ବାଦଳା ଥାନା ଅଧିକାରୀ ଶ୍ରୀମତି ବେହେରାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି।

# ସାମୂହିକ ରାଷ୍ଟ୍ର ଗୀତ ଗାନ

ଅମ୍ବାଦଳା,୧୩।୧(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ ଓ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରାଷ୍ଟ୍ର ଗୀତ ବନ୍ଦେ ମାତରଂ ଗାନ କରାଯାଇଥିଲା। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ରାୟଗଡ଼ା ତରଫରୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଓ ବାଣୀ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ କବିରାଜ ପ୍ରଧାନ, ଅଧ୍ୟାପକ ତପନ କୁମାର ସାହୁ, ସୁବ୍ରତ କୁମାର ସେଠୀ, ରମଣୀ ରଞ୍ଜନ ଜେନା, ମନୋଜ କୁମାର ଦାସ, ଗୋଲକ ବିହାରୀ ଘଡେଇ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ମୁରଲୀ କ୍ରୀଷ୍ଣା ପରିଚାଳନା କରିଥିଲେ। ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗ୍ରନ୍ଥରକ୍ଷକ ଉମେଶ ସାମନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଫାଇଲେରିଆ ରୋଗ ନିରାକରଣ ଅଭିଯାନ

ମାଲକାନଗିରି, ୧୩।୧(ସମିସ): ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଫାଇଲେରିଆ ରୋଗ ନିରାକରଣ ଅଭିଯାନ ଆରମ୍ଭ ହୋଇଯାଇଛି। ଫାଇଲେରିଆ ରୋଗ ଚିହ୍ନଟ ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମ ଓ ସହର ମାନଙ୍କରେ ଘର ଘର ବୁଲି ରାତ୍ରକାଳୀନ ରକ୍ତ ସଂଗ୍ରହ ଚାଲିଛି। ମୁଖ୍ୟତଃ ଫାଇଲେରିଆ ରୋଗ ସଂକ୍ରମଣରେ ଯେଉଁ ଜୀବାଣୁ ଯୋଗୁଁ ହୋଇଥାଏ, ତାହା ସନ୍ଧ୍ୟା ଠାରୁ ରାତି ମଧ୍ୟରେ ଅଧିକ ସକ୍ରିୟ ହୋଇଥାଏ। ନିକଟ ଭବିଷ୍ୟତରେ ମାଲକାନଗିରି ଜିଲ୍ଲାରେ ଫାଇଲେରିଆ ରୋଗକୁ ସମ୍ପୂର୍ଣ୍ଣ ଭାବେ ଲୋପ କରାଯାଇ ଜିଲ୍ଲାକୁ ଫାଇଲେରିଆ ମୁକ୍ତ ଜିଲ୍ଲା ଭାବେ ଘୋଷଣା କରାଯିବା କାର୍ଯ୍ୟକ୍ରମ ରହିଛି। ତେଣୁ ଫାଇଲେରିଆ ସର୍ବେକ୍ଷଣ ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସଫଳତାର ସହ ଚାଲିଥିବା ଜଣା ପଡିଛି।

# ମହର୍ଷି ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ରାୟଗଡ଼ା,୧୩।୧(ସମିସ): ରାୟଗଡା ସହରର ରିଙ୍ଗରୋଡ ସ୍ଥିତ ମହର୍ଷି ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ତଥା ମହର୍ଷି ମହେଶ ଯୋଗୀଜୀଙ୍କ ୧୦୯ତମ ଜନ୍ମବାର୍ଷିକୀ ଉପଲକ୍ଷେ ମହର୍ଷି ଜ୍ଞାନ ଯୁଗ ଦିବସ ମହୋତ୍ସବ ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ବ୍ରଜସୁନ୍ଦର ନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥିବା କ୍ରୀଡା ଓ ଅନ୍ୟାନ୍ୟ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।




# ସିନ୍ଧୁବା ଘାଟିରୁ ଓଲଟିଲା ଯାତ୍ରୀ ଅଟୋ :୫ ଆହତ

ଗୁଣୁପୁର,୧୩।୧(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ ଅନ୍ତର୍ଗତ ପୁଟାସିଂ ଥାନା ସିନ୍ଧୁବା ଘାଟିରେ ଭାରସାମ୍ୟ ହରାଇ ଓଲଟିଲା ଯାତ୍ରୀବାହୀ ଆଟୋ। ଆଟୋରେ ୧୦ ଜଣ ବସିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବୃଦ୍ଧଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଅଟୋଟି ଯାତ୍ରୀଙ୍କୁ ନେଇ ଗଜପତି ଜିଲ୍ଲା ନୂଆଗଡ଼ ହାଟକୁ ଯାଉଥିଲା।ସମସ୍ତଙ୍କୁ ନୂଆଗଡ଼ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ପୁଟାସିଂ ପୁଲିସ ଏହାର ତଦନ୍ତ କରୁଛି।

# ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

ରାୟଗଡ଼ା,୧୩।୧(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର ଠାରେ ବିବେକାନନ୍ଦ ଜୟନ୍ତୀ ଓ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।" କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ମିନତୀ ନନ୍ଦ ଓ ବିଦ୍ୟାଳୟର ସାଂସ୍କୃତିକ ପ୍ରମୁଖ ମାନସୀ ସେଠୀ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ମାନସୀ ସେଠୀ ବିବେକାନନ୍ଦଙ୍କ ଜୀବନୀ ଓ ଆଦର୍ଶକୁ ଶିଶୁଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ। ଏହାପରେ ସାମୂହିକ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଶ୍ରୀକାନ୍ତ ରାଉତଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁନିଗୁଡ଼ା ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ମୁନିଗୁଡା,୧୩।୧(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ଥାନାରେ ନୂତନ ଭାବରେ ଯୋଗଦେଇଥିବା ଥାନା ଅଧିକାରୀ କେଶବ ଷଡ଼ଙ୍ଗୀଙ୍କୁ ମୁନିଗୁଡା ବିଜେପି ତରଫରୁ ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସ୍ୱାଗତ ଏବଂ ପୂର୍ବ ଥାନା ଅଧିକାରୀ ସୌଦାମିନୀ ବେହେରାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ମୁନିଗୁଡା ମଣ୍ଡଳ ସଭାପତି ସୁବାଷ ଗୌଡଙ୍କ ସମେତ ମୁନିଗୁଡା ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଟୁନା କରକରିଆ, ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି ପଦ୍ମ ବେହେରା, ଭୀମ ବେହେରା, ଜଗା ସବର, ଗରିବ ଗରଡିଆ, ରାକେଶ ସିକା, ରମେଶ ଗୌଡ, ନାଥ ପଣ୍ଡା, ପଞ୍ଚା ସାହୁ, ସୁକ ବେହେରା, ବେଣୁ ଗାଡ଼କା, ପୁନା ଗୌଡ ପ୍ରମୁଖ ବିଜେପି କାର୍ଯ୍ୟକର୍ତାମାନେ ଯୋଗଦେଇ ଥାନା ଅଧିକାରୀଙ୍କୁ ପୁଷ୍ପ ଗୁଚ୍ଛ ଦେବାସହ ସମ୍ବର୍ଦ୍ଧନା କରିଥିଲେ।

# ରାଜ୍ୟସଭା ସାଂସଦଙ୍କୁ ଭେଟିଲେ ପୂର୍ବତନ ବିଧାୟକ



କୋରାପୁଟ,୧୩।୧(ସମିସ): ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ କୋରାପୁଟ ଗସ୍ତ ଅବସରରେ କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି କୋରାପୁଟ ଜିଲ୍ଲାର ସାମ୍ପ୍ରତିକ ରାଜନୈତିକ ସ୍ଥିତି, ପୂର୍ବ ସରକାରଙ୍କ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତା ଓ ଦଳୀୟ ସଙ୍ଗଠନ ବିଷୟରେ ଆଲୋଚନା କରିଥିଲେ। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବର୍ତମାନ ଠାରୁ କର୍ମୀ ମାନେ ପ୍ରସ୍ତୁତି ହେବା ସହ ଦଳୀୟ ପଦାଧିକାରୀ ଓ ନେତୃବୃନ୍ଦ ତୃଣ ମୂଳ ସ୍ତରରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିବା ଓ ସମସ୍ୟାର ସମାଧାନ କରିବାକୁ ସାଂସଦ ପରାମର୍ଶ ଦେଇଥିଲେ। ଅନ୍ୟ ପକ୍ଷରେ ଦାମନଯୋଡି ରେଳ ଷ୍ଟେସନରେ ସମସ୍ତ ଏକ୍ସପ୍ରେସ ଟ୍ରେନ ମାତ୍ର ୨ ମିନିଟ ରହୁଥିବାରୁ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରେନ ରହଣୀ ସମୟ ବୃଦ୍ଧି ପାଇଁ ରେଳମନ୍ତ୍ରୀଙ୍କ ନିକଟରେ ପ୍ରସ୍ତାବ ଦେବାକୁ ଶ୍ରୀ ପଡ଼ାଲ ଅନୁରୋଧ କରିଥିଲେ। ଏହାକୁ ଗୁରୁତ୍ୱ ଦେଇ ରେଳ ମନ୍ତ୍ରାଳୟ ସହିତ ଆଲୋଚନା କରିବେ ବୋଲି ସାଂସଦ ଶ୍ରୀ ମଙ୍ଗରାଜ କହିଥିଲେ।

# ଜାତୀୟ ଯୁବ ଦିବସ ପାଳିତ

ସୁନାବେଡ଼ା,୧୩।୧(ସମିସ); ସୁନାବେଡ଼ା ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାଗୃହରେ ଯୁବ ରେଡକ୍ରସ ତରଫରୁ ଜାତୀୟ ଯୁବ ଦିବସ ପାଳନ ହୋଇଯାଇଛି। ଏହି ସଭାରେ ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ହାଲ ଇଞ୍ଜିନ ପ୍ରଭାଗର ଇଞ୍ଜିନିଅର, ମନ ନିୟନ୍ତ୍ରକ ଓ ପ୍ରେରଣାଦାୟକ ବକ୍ତା ଦେବଦତ୍ତ ଶତପଥୀ ଅତିଥି ଭାବରେ ଯୋଗ ଦେଇଥିଲେ। ୱାଇଆରସିର କାଉନସିଲର ଅଙ୍କୁରିତା ନାୟକ ସଭା ସଂଯୋଜନା କରିଥିଲେ। ନିର୍ଝରିଣୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ସଭାରେ ସମସ୍ତ ଛାତ୍ରୀ, ୱାଇଆରସିର ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

# ନାଟକ ପ୍ରତିଯୋଗିତାରେ ଜୟପୁର ସାଂସ୍କୃତିକ ଅନୁଷ୍ଠାନର ସଫଳତା

**ଜୟପୁର, ୧୩।୧ (ସମିସ):** ବ୍ରହ୍ମପୁର ଠାରେ ନବମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ତଥା ୩୫ ତମ ଗଞ୍ଜାମ କଳା ପରିଷଦ ମଞ୍ଚ କଳାକାର ପରିଚାଳିତ ନାଟକ ପ୍ରତିଯୋଗିତାରେ କୋରାପୁଟ ଜିଲ୍ଲା ଜୟପୁର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପରିବେଷଣ ନାଟକ "ମା ଲୋ ଚାମ୍ପର ' ୩ଟି ପୁରସ୍କାର ପ୍ରାପ୍ତ କରିଛି।



ଏହି ଅବସରରେ ସର୍ବଶ୍ରେଷ୍ଠ ପରିବେଷିତ ନାଟକ ଭାବେ ୨ୟସ୍ଥାନ ପାଇ ରଚନାକାରୀ ଜଗଦିଶ ଅଧିକାରୀ , ହାସ୍ୟ କଳାକର ଭାବେ ପବିତ୍ର ମଲ୍ଲିକ, ଶ୍ରେଷ୍ଠ ପାଶ୍ୱର୍ ଅଭିନେତା ଭାବେ ନୃସିଂହ ପ୍ରସାଦ ଷଡଙ୍ଗୀ (ବୁଲୁ)ଙ୍କୁ ମଞ୍ଚାସୀନ ଅତିଥି ମାନେ ପୁରସ୍କୃତ କରିଥିଲେ। ମଞ୍ଚସ୍ଥ ନାଟକକୁ ଅବସରପ୍ରାପ୍ତ ଆକାଶବାଣୀ ଅଧିକାରୀ ତଥା ନାଟ୍ୟକାର ଶ୍ରୀ ଅଧିକାରୀଙ୍କ ଦ୍ୱାର ରଚିତ ଏବଂ ବିଶିଷ୍ଟ କଳାକାର, ନିର୍ଦ୍ଦେଶକ ନିରଞ୍ଜନ ପାଣିଗ୍ରାହୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ସଂଗୀତ ସଂଯୋଜକ ଭାବେ ଜି. ମହେଶ, ରାମ ନିଗମ ମହାନ୍ତି ଏବଂ କଳାକାର ଭାବେ ସୁରେଶ ହୋତା, ପଞ୍ଚାନନ ମିଶ୍ର, ନୃସିଂହ ଷଡ଼ଙ୍ଗୀ, ସରୋଜ ମିଶ୍ର, ନିରଞ୍ଜନ ପାଣିଗ୍ରାହୀ, ପବିତ୍ର ମଲ୍ଲିକ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ଏବଂ ନିବେଦନ ପାଣିଗ୍ରାହୀ ଯୋଗ ଦେଇଥିଲେ।

# ଜାତୀୟ ଯୁବ ଦିବସ ପାଳିତ



ପଟ୍ଟାଙ୍ଗି ,୧୩।୧(ସମିସ): ପଟ୍ଟାଙ୍ଗି ସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ଏବଂ ସାମୁହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ରାମକୃଷ୍ଣ ସାମଲ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅର୍ଥ ଶାସ୍ତ୍ରର ଅଧ୍ୟାପକ ବୈଲୋଚନ ରଣା ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ଅଶୋକ ନାୟକ, ଇତିହାସ ବିଭାଗର ଅଧ୍ୟାପିକା ରାଜଶ୍ରୀ କୁମାରୀ ବିଶ୍ୱାଳ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଅଶୋକ ନାୟକ ମଞ୍ଚ ପରିଚାଳନା କରିଥିଲେ। ଓଡିଆ ବିଭାଗର ଅଧ୍ୟାପିକା ଜ୍ୟୋସ୍ନାମୟୀ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ମାନେ ସାମୁହିକ ଭାବରେ ବନ୍ଦେ ମାତରମ୍ ଗାନ କରିବା ସହିତ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ କରାଯାଇଥିଲା। ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷା ବିଭାଗର ଡେମୋନେଷ୍ଟ୍ରେଟର ସୁଧାଂଶୁ ଭୂଷଣ ଜେନା, ଲାଇବ୍ରେରିଆନ ସଞ୍ଜୟ କୁମାର ପରିଡା, ହୃଷିକେଶ ପ୍ରଧାନ, ଅନିଲ କୁମାର ଖିଲ୍ଲ, ମନୋଜ କୁମାର ଦାସ, ତୋଟାପାଡିଆ ଜିନୁ, ଫକିର ମୋହନ ପଣ୍ଡା, ଦଇମତୀ ଗୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମଟି ରାଜନୀତି ବିଜ୍ଞାନର ଅଧ୍ୟାପକ ତଥା ଯୁବ ରେଡ଼କ୍ରସ କାଉନସିଲର ସରୋଜ ରଞ୍ଜନ ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

# ଧାନମଣ୍ଡି ଅବ୍ୟବସ୍ଥା, ବିଜେଡିର ଚକଅଖ ବନ୍ଦ ଆନ୍ଦୋଳନ

ନବରଙ୍ଗପୁର,୧୩।୧(ସମିସ):





ନବରଙ୍ଗପୁର ଜିଲ୍ଲାରେ ଚାଷୀଙ୍କ ଧାନ ବିକ୍ରିରେ ସମସ୍ୟା ଏବଂ ବହୁ ଚାଷୀଙ୍କୁ ଟୋକନ୍ ଆସି ନ ଥିବା ଭଳି ସମସ୍ତ ସମସ୍ୟାକୁ ନେଇ ଜିଲ୍ଲାର ଚାଷୀଙ୍କ ପାଇଁ ଆଜି ରାଜରାସ୍ତାକୁ ଓହ୍ଲାଇଛି ଏବଂ ୧୨ ଘଣ୍ଟିଆ ଚକଅଖ ବନ୍ଦ କରି ପ୍ରତିବାଦ ଜଣାଇଛି ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳ। ନବରଙ୍ଗପୁର ଜିଲ୍ଲା ବିଜେଡ଼ି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ନେତୃତ୍ୱରେ ଆଜି ସକାଳ ୬ଟା ଠାରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ନବରଙ୍ଗପୁର ସହର ଚାକିରିଆ ଗୁଡା ଛକ ଏବଂ ମାଝିଗୁଡା ସର୍କିଟ ହାଉସ ଛକ ଠାରେ ବହୁ ବିଜେଡି କର୍ମୀ ଏବଂ ନେତା ରାସ୍ତାରୋକ କରି କେବଳ ଜରୁରୀ ସେବାକୁ ଛାଡ଼ି ଗାଡ଼ି ମୋଟର ବନ୍ଦ ରଖିଥିଲେ। ପରେ ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ମନ୍ଦିର ସମ୍ମୁଖରୁ ଶତାଧିକ ବିଜେଡି ନେତା ଓ କର୍ମୀ ଏବଂ ବହୁ ଟ୍ରାକ୍ଟର ମାଧ୍ୟମରେ ଏକ ବିରାଟ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ପହଞ୍ଚିଥିଲେ। ଜିଲ୍ଲାପା ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ସଭାରେ ନବରଙ୍ଗପୁର ଜିଲ୍ଲାରେ ଚାଲିଥିବା ମଣ୍ଡି ଅବ୍ୟବସ୍ଥା ଏବଂ ସରକାରଙ୍କ ଚାଷୀ ମାରଣା ନୀତି ଉପରେ ବର୍ଷିଛନ୍ତି ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେଡ଼ି ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମାଝୀ ଏବଂ ଜିଲ୍ଲା ବିଜେଡ଼ି ସଭାପତି ତଥା ବିଧାୟକ ମନୋହର ରନ୍ଧାରୀ। ନବରଙ୍ଗପୁର ଜିଲ୍ଲାର ଚାଷୀଙ୍କ ଧାନ ମଣ୍ଡି ନିୟମ ଚାଷୀଙ୍କ ପାଇଁ ନୁହେଁ, ବରଂ ସରକାର, ପ୍ରଶାସନ ଏବଂ ମିଲରଙ୍କୁ ସୁହାଇଲା ଭଳି। ନବରଙ୍ଗପୁର ଜିଲ୍ଲାରେ ଅଖା ବସ୍ତା ରେ ଧାନ ଆଣିବା ପାଇଁ ଚାଷୀଙ୍କୁ ବାଧ୍ୟ କରାଯାଇଛି। ବିଜେଡି ସରକାର ସମୟରେ ବହୁ ଖୁସିର ସହକାରେ ଚାଷୀ ମଣ୍ଡିକୁ ଆସି ଧାନ ବିକ୍ରୟ କରି ଯାଉଥିଲେ। ବର୍ତ୍ତମାନ ସରକାରଙ୍କ ମଣ୍ଡି ଅବ୍ୟବସ୍ଥା ଶୀର୍ଷ ସ୍ଥାନରେ ପହଞ୍ଚିଛି। ଚଳିତ ବର୍ଷ ମଣ୍ଡି ର ଅବ୍ୟବସ୍ଥା ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାନି। ବିଜେଡି ସବୁବେଳେ ଚାଷୀଙ୍କ ସହିତ ରହିଥିଲା ଏବଂ ଆଗାମୀ ଦିନରେ ମଧ୍ୟ ଚାଷୀଙ୍କ ଦୁଃଖଦ ସମୟରେ ସର୍ବଦା ରହିବ। ଏହି ସରକାରଙ୍କ କେବଳ କଥା ବଡ଼ ଏବଂ କାର୍ଯ୍ୟ ଗଡବଡ ବୋଲି କହିଛନ୍ତି ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ। ଏହାପରେ ଏକ ୭ ଦଫା ଦାବିପତ୍ର ନବରଙ୍ଗପୁର ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରରେ ତୁରନ୍ତ ଟୋକନ୍ ବ୍ୟବସ୍ଥା, ଭାଗ ଚାଷୀଙ୍କ ସମସ୍ୟା ଦୂର, ମଣ୍ଡି ପଏଣ୍ଟରେ ଗଦା ହୋଇଥିବା ଧାନକୁ ତୁରନ୍ତ ଉଠାଯିବା, କଟ୍‌ନିଛଟନି ବନ୍ଦ, ଟୋକନର ଅବଧି ନ ରଖିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି।

- ହାଟରେ ପଡ଼ି ଦାଣ୍ଡରେ ଗଡିଲାଣି ମଣ୍ଡି ଅବ୍ୟବସ୍ଥା : ପ୍ରଦୀପ
- ସରକାର ଚାଷୀଙ୍କ ପେଟକୁ ଲାତ ମାରୁଛନ୍ତି : ମନୋହର
- ସରକାରଙ୍କ କଥା ବଡ଼, କାମ ଗଡ଼ବଡ଼ : ସଦାଶିବ

ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ବର୍ମନ୍ , ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି , ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କପିଳେନ୍ଦ୍ର ସାସମଲ ଏବଂ ଏସସିଏସଓ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଜିଲ୍ଲା ପରିଷଦ ସଦସ୍ୟ ଅରୁଣ କୁମାର ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ରତିକାନ୍ତ ପଣ୍ଡା, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ଜିଲ୍ଲା ବିଜେଡ଼ି ସଭାନେତ୍ରୀ ମଞ୍ଜୁଳା ମାଝୀ ,ପୌର ପରିଷଦ ଅପାଧ୍ୟକ୍ଷା ସୌମ୍ୟା ମହାପାତ୍ର, ପାପଡ଼ାହାଣ୍ଡି ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ନବରଙ୍ଗପୁର ନଗର ବିଜେଡି ସଭାପତି ପ୍ରମୋଦ କୁମାର ରଥ ,କାଉନ୍‌ସିଲର ପି କେଶବ ରାଜୁ , କାଉନସିଲର ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ, କାଉନସିଲର ଅଲେଖ ସୌରା, କାଉନସିଲର ପୁରୁଷୋତ୍ତମ ହରିଜନ, ଅଭିବ୍ୟକ୍ତ କୋରାପୁଟ ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ ତ୍ରିପାଠୀ, ସରୋଜ କୁମାର ପାତ୍ର, ପୂର୍ବତନ କାଉନସିଲର ଭୀମ ହରିଜନ, ଉତ୍ତମ ତ୍ରିପାଠୀ, ସୁଧୀର ମହାପାତ୍ର , ନନ୍ଦ ନାୟକ, ବିଶିଷ୍ଟ ବିଜେଡି ନେତ୍ରୀ କୌଶଲ୍ୟା ପ୍ରଧାନୀ, ରାଜ୍ୟ ଛାତ୍ର ବିଜେଡ଼ି କାର୍ଯ୍ୟକାରିଣୀ ସଭାପତି ଦିଲୁ ପଣ୍ଡା, ନୀଳ ମାଧବ ପାତ୍ର, ବିଜେଡି ନେତା ମଣ୍ଟୁ ପଟ୍ଟନାୟକ,ପିଣ୍ଟୁ ଲେଙ୍କା, ସଞ୍ଜୟ ନାୟକ, କୁନା ପାଢି, ସୁମିତ ପାଳ, ଲାଲୁ ତ୍ରିପାଠୀ, ସୁମିତ ପୂଜାରୀ, ସାନୁ ତ୍ରିପାଠୀ, କାମିନୀ ପାଢ଼ୀ, ପ୍ରଣତି ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଶ୍ରୀମଦ ଭଗବଦଗୀତା ପୁସ୍ତକ ବଣ୍ଟନ

ଜୟପୁର,୧୩।୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଇସ୍କନ ପକ୍ଷରୁ ପବିତ୍ର ଭଗବତ ଗୀତା ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳସଚିବ ମହେଶ୍ୱର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କର୍ଯ୍ୟକ୍ରମରେ ମାୟାପୁର ଶ୍ରୀପାଦ ବଂଶୀଗ ଗୋପିନାଥ , ମନୋରମ ଗୌର ଦାସ ଓ ଇସ୍କନ ଜୟପୁର ଶାଖର ଶ୍ୟାମାନନ୍ଦ ଦାସ ଓ ଘନଶ୍ୟାମ ଦାସ ଉପସ୍ଥିତ ରହି ପବିତ୍ର ଗ୍ରନ୍ଥ ଗୀତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୁକ୍ତ୨ ଓ ଯୁକ୍ତ ୩ ଶ୍ରେଣୀର ୨୫୦ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୀନବନ୍ଧୁ ଅଗ୍ରୱାଲ, ଓମପ୍ରକାଶ ହାଲାନ, ଅଶୋକ ଅଗ୍ରୱାଲ, ରାଜେଶ ତୋସନିୱାଲ, ପ୍ରକାଶ ନାୟକ, ପ୍ରଦୀପ ନାୟକ, ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସହାୟତା କରିଥିଲେ।

# ସଞ୍ଜୟ ପାତ୍ର ସ୍ମୃତି ଓପନ୍ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ସୁନାବେଡ଼ା,୧୩।୧ (ସମିସ): ଜବାହାର ଜ୍ୟୋତି ସ୍ପୋର୍ଟସ୍ କ୍ଲବ୍, ସୁନାବେଡ଼ା-୧ ପକ୍ଷରୁ ଆୟୋଜିତ ପ୍ରଥମ ସଞ୍ଜୟ ପାତ୍ର (ବିଟୁନା) ସ୍ମୃତି ଓପେନ୍ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୨୦୨୬ ଉଦ୍‌ଯାପିତ ହୋଇଯାଇଛି। ସିଙ୍ଗଲ୍ସ ପୁରୁଷ ମ୍ୟାଚ୍‌ରେ ଦେବାନନ୍ଦ ପଣ୍ଡା (ସୁନାବେଡ଼ା) ଓ ଜି .ସାସ୍ୱତ (କୋରାପୁଟ) ମଧ୍ୟରେ ହୋଇଥିବା ଜୋରଦାର ମୁକାବିଲାରେ ଦେବାନନ୍ଦ ପଣ୍ଡା (ସୁନାବେଡ଼ା) ବିଜୟ ଲାଭ କରିଥିଲେ। ଦୁଇ ଖେଳାଳିଙ୍କ ଦକ୍ଷତା, ତେଜ ରାଲି ଓ ଉତ୍କୃଷ୍ଟ ଫୁଟୱର୍କ ଦର୍ଶକଙ୍କୁ ଭାରି ଆକର୍ଷିତ କରିଥିଲା। ଡବଲ୍ସ ପୁରୁଷ ମ୍ୟାଚ୍‌ରେ ଦେବାନନ୍ଦ ପଣ୍ଡା (ସୁନାବେଡା) ଓ ସୁମିତ ପାଣିଗ୍ରାହୀ (ଜୟପୁର)ଙ୍କ ଯୁଗଳ ଦଳ ସହିତ କିରଣ ଅଗ୍ରୱାଲ୍ ଓ ସୌମ୍ୟ ପାଢ଼ୀ (ନବରଙ୍ଗପୁର) ମଧ୍ୟରେ ଜୋରଦାର ମୁକାବିଲା ହୋଇଥିଲା। ମ୍ୟାଚରେ କିରଣ ଅଗ୍ରୱାଲ୍ ଓ ସୌମ୍ୟ ପାଢ଼ୀ (ନବରଙ୍ଗପୁର) ବିଜୟ ହାସଲ କରିଥିଲେ। ମ୍ୟାଚ୍ ଶେଷରେ ସମସ୍ତ ଖେଳାଳିଙ୍କୁ ତାଙ୍କର ଖେଳ, ଶିଷ୍ଟାଚାର ଓ ନିଷ୍ଠା ପାଇଁ ସମ୍ମାନିତ କରାଯାଇଥିଲା।

# ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ

କୋରୁକୋଣ୍ଡା/ବାଲିମେଳା,୧୩।୧ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହର ସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଏନଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାଗିରଥି ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମଞ୍ଜୁଲତା ଭୋଇ, କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀ, ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଆଇଟି ବିଭାଗ ଠାରୁ ଆରମ୍ଭ କରି ପରିବେଶ ସୁରକ୍ଷା ଗଣିତ ଶାସ୍ତ୍ର ଆଦି ବିଭିନ୍ନ ଷ୍ଟଲ ଗୁଡିକ ଉପସ୍ଥିତ ଅତିଥି ମାନେ ବୁଲି ଦେଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଶିଳା ହିଆଲ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ସରୋଜ ନାୟକ। ସହିପରି କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାରଲାକୋଟା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀ, ସମ୍ମାନିତ ଅତିଥି ଭାବେ ମଣିଶଙ୍କର ମଜୁମଦାର, ପୂର୍ବତନ ସରପଞ୍ଚ ତଥା ବିଦ୍ୟାଳୟ କମିଟି ସଭାପତି ସୋମନାଥ ବାରସେ, ସରପଞ୍ଚ ସନାରୀ ଖିଲ, ପ୍ରକାଶ ମଜୁମଦାର ପ୍ରମୁଖ ମଞ୍ଚାସୀନ ଥିଲେ। ସମଗ୍ର କାର୍ଯ୍ୟକ୍ରମ ପରିଚାଳନା ସମେତ ମଞ୍ଚ ପରିଚାଳନା କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମଞ୍ଜରୀ କୁରୁ।

# ରଣ ନାଁରେ ମହିଳାଙ୍କ ଠାରୁ ଠକେଇ

ଗୁଡାରି,୧୩।୧(ସମିସ): ମଧୁବନ ପଞ୍ଚାୟତ ସର୍ଗୀଡାଙ୍ଗୁ ଗ୍ରାମର କୈଳାସ ଶବର ନିଜ ଗ୍ରାମରେ ଋଣ ଦେବା ନାଁରେ ଲକ୍ଷାଧିକ ଟଙ୍କା ନେଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ଗୁଡାରି ବ୍ଲକ୍ ମଧୁବନ ଗ୍ରାମ ପଞ୍ଚାୟତ ସର୍ଗୀଡାଙ୍ଗୁ ଗାଁରେ ଘଟିଛି ଏଭଳି ଘଟଣା । ସେଠାକାର ମହିଳାମାନେ ଗୁଡାରି ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। କୈଳାସ ଗ୍ରାମର ଜଣେ ମହିଳାଙ୍କର ଟିପ ଚିହ୍ନ ନେଇ ୩୫ ହଜାର ଟଙ୍କା, ଅନ୍ୟ ଜଣେ ଜନ୍ମରୁ ଅନ୍ଧ ମହିଳାଙ୍କ ଠାରୁ ୫୦ ହଜାର ଟଙ୍କା ସହିତ ବହୁ ଟଙ୍କା ଉଠାଇ ନେଇଛି। ସର୍ଗୀଡାଙ୍ଗୁ ଗ୍ରାମର ଜଣେ ମହିଳାଙ୍କ ପରିବାର ଲୋକେ କହିବା ଅନୁସାରେ ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ ଲିମିଟେଡ ମାଧ୍ୟମରେ ଛେଳି ଋଣ ପ୍ରଲୋଭନ ଦେଖାଇ ଋଣ ଟଙ୍କା ଆସିବା ପରେ ଟଙ୍କା ନେଇ କୈଳାସ ଫେରାର୍ ହୋଇଯାଇଛି। ପୁଲିସ ତଦନ୍ତ କରି ଲୋକଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ପଞ୍ଚାୟତସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ଗୁଡାରୀ,୧୩।୧(ସମିସ): ଗୁଡାରୀ ପରିଷଦ ତରଫରୁ ମଣ୍ଡଳ ସଭାପତି ଜଗଦୀଶ ନାୟକ,କାର୍ଯ୍ୟକାରିଣୀ ସଭାପତି ରଞ୍ଜନ ରଥ ଏବଂ ଅନିଲ କୁମାର ନନ୍ଦ ,ବ୍ଲକ୍ ମଣ୍ଡଳ ସଭାପତି ଅନନ୍ତ ନାରାୟଣ ଦେଓଙ୍କୁ ରାଜ୍ୟ ବିଜେପି ସଭାପତି ମୋହର ମାରିଛନ୍ତି। ଏହାକୁ ନେଇ ଗୁଡାରୀ ପ୍ରଥମ କରି ମଙ୍ଗଳବାର ଦିନ ଅସଡା ପଞ୍ଚାୟତରେ କାର୍ଯ୍ୟକାରିଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସଭାପତି ଗୋପିଆନନ୍ଦ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ଶଙ୍କର ଉଲ୍ଲାକ, ସାଧାରଣ ସମ୍ପାଦକ ଦେବାଶିଷ ପଣ୍ଡା,ଜିଲ୍ଲା ସମ୍ପାଦକ ବନମାଳି ଗମାଙ୍ଗ, ବ୍ଲକ୍ ମଣ୍ଡଳ ସଭାପତି ଅନନ୍ତ ନାରାୟଣ ଦେଓ ଏବଂ ପରିଷଦ ମଣ୍ଡଳ ସଭାପତି ଏବଂ କାର୍ଯ୍ୟକାରିଣୀ ସଭାପତି ସାଂଗଠନିକ ବୈଠକରେ ଯୋଗ ଦେଇଥିଲେ। ବାଇକ୍ ରାଲିରେ ଗୁଡାରୀ ସହର ମୁଖ୍ୟ ରାସ୍ତାଦେଇ ପ୍ରଥମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ପରିଷଦ ଇଓ ପ୍ରସନ୍ନ ପାଢ଼ିଙ୍କ ସହ ମିଶି ବିଭିନ୍ନ ଉନ୍ନତିମୂଳକ ବିଷୟରେ ଆଲୋଚନା କରିଥିଲେ।

# ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ମାଲକାନଗିରି, ୧୩।୧(ସମିସ): ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜଳସମ୍ପଦ ବିଭାଗ ମାଲକାନଗିରି ତରଫରୁ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ- ୨୦୨୬ ପାଳନ କରାଯାଇଛି। ପୋଟେରୁ ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ତୃପ କୁମାର ପାତ୍ର ଏହି ପକ୍ଷ ପାଳନର ସଭାପତିତ୍ୱ କରିଥିଲେ। ପୋଟେରୁ ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ପାତ୍ର କୃଷିର ଉନ୍ନତିରେ ପାଣିପଞ୍ଚାୟତ ର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ପକ୍ଷ ପାଳନ ସମାରୋହରେ ମାଲକାନଗିରି ଜିଲ୍ଲା ପରିଷଦର ଉପସଭାପତି ପତିତପାବନ ବୈଦ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମାରୋହରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଦେବୀ ପ୍ରସାଦ ଦାଶ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମହେଶ କୁମାର ପାଢ଼ୀ, ଉପ ନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗ, ମାଲକାନଗିରି ଦୟାନିଧି ରାଉତ, ବିଧାୟକ ପ୍ରତିନିଧି, ମାଲକାନଗିରି ନିହାର ରାୟ, ବିଧାୟକ ପ୍ରତିନିଧି, ଚିତ୍ରକୋଣ୍ଡା ଗୋବିନ୍ଦ ଚନ୍ଦ୍ର ପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା ବିଭାଗ, ସମୀର ଶବର ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଧିକ୍ଷଣ ଯନ୍ତ୍ରୀ, ପୋଟେରୁ କେନାଲ ବିଭାଜନ, ଏମ.ଭି.୭ ୯ ସନୋଜ କୁମାର ସାହୁ, ନିର୍ବାହୀ ଯନ୍ତ୍ରୀ, ବୃହତ୍ ଉଠା ଜଳସେଚନ ପ୍ରକଳ୍ପ, ମାଲକାନାଗିରି ଅଭିମନ୍ୟୁ ପ୍ରଧାନ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପକ୍ଷ ପାଳନ ସମାରୋହରେ ଆଇ.ଏମ.ଏସ.ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ନିବେଦିତା ମିଶ୍ର ଓ ସହକାରୀ ନିର୍ବାହୀ ଯନ୍ତ୍ରୀ, ପୋଟେରୁ ଜଳସେଚନ ବିଭାଜନ, ବାଲିମେଳା ସୌମେନ କୁମାର ନାଥ ମଞ୍ଚ ପରିଚାଳନା କରିଥିଲେ।

# ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ମାଥିଲି,୧୩।୧(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ସଦମହକୁମାରେ ଥିବା ନୂଆଗୁଡ଼ ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ତିନିଦିନିଆ ଶିକ୍ଷଣ ସହାୟକ/ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦ୍‌ଘାଟିତ ହୋଇଛି। ସଦର ପଞ୍ଚାୟତର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଜଯୋକ ନିହାର ରଞ୍ଜନ ବିଶ୍ୱାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମାଥିଲି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଏଫ୍‌ଏଲ୍ ଏନର କାର୍ଯ୍ୟକ୍ରମର ୧୦ ଶିକ୍ଷକ ଓ ଶିକ୍ଷୟିତ୍ରୀ କର୍ମଶାଳାରେ ଯୋଗ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମ କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ନିରୀକ୍ଷଣ କରୁଛନ୍ତି ୨୦ଟି ପଞ୍ଚାୟତର ସିଆରସିସିଙ୍କ ଦ୍ୱାରା ଶିକ୍ଷଣ ସହାୟକ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହେଉଛି।

# କୋଲାବ କେନାଲ, ତେଲିଙ୍ଗିରି ଡ୍ୟାମ୍ ପାଣି ଛାଡ଼ିଲା

ଜୟପୁର,୧୩।୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ନିକଟସ୍ଥ କୋଲାବ ସତୀଗୁଡା ଡ୍ୟାମ୍ ଏବଂ ରାଣିଗଡ ଗ୍ରାମପଞ୍ଚାୟତ ସ୍ଥିତ ତେଲିଙ୍ଗିରି ଜଳଭଣ୍ଡାର ରବି ଧାନ ଚାଷ ପାଇଁ କେନାଲ ମାଧ୍ୟମରେ ପାଣି ଛାଡିବା ଆରମ୍ଭ କରିଛି। ଇରିଗେସନ ବିଭାଗର ସୂଚନା ଅନୁଯାୟୀ ଗତ ୧୨ ତାରିଖ ସଂଧାରେ କୋଲାବ ଜଳଭଣ୍ଡାରର ବିଦ୍ୟୁତ ଉତ୍ପାଦନ ପରେ ଉଦ୍‌ବୃତ ଜଳ ଜୟପୁର ନିକଟସ୍ଥ ଗଚ୍ଛିତ ସତୀଗୁଡା ଡ୍ୟାମରୁ ମୁଖ୍ୟ କେନାଲ ମାଧ୍ୟମରେ ଛଡାଯାଇଛି। ଏହି ଜଳ ଚଳିତ ବର୍ଷ ଜିଲ୍ଲାର ଜୟପୁର, ବୋରିଗୁମ୍ମା, କୁନ୍ଦୁରା ଏବଂ କୋଟପାଡ ବ୍ଲକର ୨୩ ହଜାର ୫ଶହ ହେକ୍ଟର ଚାଷ ଜମିରେ ପାଣି ପ୍ଲାବିତ ହୋଇ ମୁଖ୍ୟତଃ ରବିଧାନ ଫସଲ ଚାଷ



ହୋଇପାରିବ। ପ୍ରତ୍ୟେକ ସେକେଣ୍ଡରେ ୧୦ ଘନଫୁଟ ଜଳ ଜଳଭଣ୍ଡାରୁ କେନାଲକୁ ନିଷ୍କାସିତ ହେଉଛି। ଏଥିରେ ୯ଟି ଡିଷ୍ଟ୍ରିବ୍ୟୁସନ ପାଇଁର ମୁଖ୍ୟ କେନାଲ, ଉପକେନାଲ ଗୁଡିକ ଦେଇ ଜଳ ପ୍ରବାହିତ ହେବ। କୋଲାବ ଜଳ ଭଣ୍ଡାରର ୪ ଟି ବ୍ଲକରେ ୫୮ କିଲୋମିଟର ମୁଖ୍ୟ କେନାଲ, ୬ କି.ମି ଶାଖାକେନାଲ ଏବଂ ୫୨୫ କି.ମି ଉପକେନାଲ ଦେଇ ଏହି ଜଳ ପ୍ରବାହିତ ହେବ। ଆସନ୍ତା ଏକ ସପ୍ତାହ ମଧ୍ୟରେ କେନାଲର କୋଟପାଡ ବ୍ଲକର ଶେଷମୁଣ୍ଡ ଚାଷ ଜମିକୁ ଜଳ ଯୋଗାଣ ହେବାର ଲକ୍ଷ୍ୟ ରଖାଯାଇଛି। ସେହିପରି ଗତ ୭ ତାରିଖରେ ତେଲିଙ୍ଗିରି ମଧ୍ୟମ ଜଳଭଣ୍ଡାରରୁ ବୋରିଗୁମ୍ମା ଓ ଜୟପୁର ବ୍ଲକର ସମୁଦାୟ ୪୯୭୬ ହେକ୍ଟର ରବି ଧାନ ଚାଷ ଜମିପାଇଁ କେନାଲ ମାଧ୍ୟମରେ ପାଇଁ ପାଣି ଛଡାଯାଇଛି । ଚଳିତବର୍ଷ ବୋରିଗୁମ୍ମା ଓ ଜୟପୁର ବ୍ଲକର ବିଭିନ୍ନ ପଞ୍ଚାୟତର ୪ ଟି ଡିଷ୍ଟ୍ରିବ୍ୟୁସନର ୨୮ କିଲୋମିଟର ମୁଖ୍ୟ କେନାଲରେ ରବି ଧାନ ଚାଷ କାର୍ଯ୍ୟ ପାଇଁ ଜଳ ପ୍ରବାହିତ ହେବ। ତେଲିଙ୍ଗିରି ପ୍ରକଳ୍ପ ଅଧିନରେ ୬୨୯ ହେକ୍ଟର ଜୟପୁର ବ୍ଲକ ଏବଂ ବଳକା ବୋରିଗୁମ୍ମା ବ୍ଲକ ଚାଷ ଜମି ରହିଛି। କିନ୍ତୁ ଚଳିତ ବର୍ଷ ପଦ୍ମପୁର ଡିଷ୍ଟ୍ରିବ୍ୟୁସନରେ ୩ଟି ଗ୍ରାମ ପଞ୍ଚାୟତର ସର୍ବାଧିକ ଚାଷୀ କେନାଲର ମରାମତି କିମ୍ବା ଆବଶ୍ୟକ ସ୍ଥଳେ ନୂତନ ଭାବେ ନିର୍ମାଣ କରିବାକୁ ଦାବି କରିଥିଲେ। ତେଣୁ କେନାଲରେ ପାଣି ଛାଡିବା ଓ ନ ଛାଡିବା ନେଇ ଦୁଇଟି ଚାଷୀ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଉଭୟ ଗୋଷ୍ଠୀର ଦାବି ଅନୁଯାୟୀ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଅଧିକାରୀ ମାନଙ୍କୁ ନେଇ ତଦନ୍ତକାରୀ କମିଟି ସେମାନଙ୍କ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହିପରି ଜିଲ୍ଲାପାଳଙ୍କ ନିଷ୍ପତି କ୍ରମେ ଆଗାମୀ ଦିନରେ କେନାଲରେ ପାଣି ଛଡାଯିବ ନା ନାହିଁ ନିଷ୍ପତି ଗ୍ରହଣ କରାଯିବ।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

ଉମରକୋଟ ୧୩।୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର କୋଣ୍ଡାଗାଁ ରୋଡ୍ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଉମରକୋଟ ତହସିଲଦାର ମେଗବାନ ବାଗଙ୍କ ଅଧ୍ୟକ୍ଷତାରେ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରପରିଷଦ ଅଧ୍ୟକ୍ଷା ରାଧାଭତ୍ରା, ସାଂସଦ ପ୍ରତିନିଧି , ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଏସ୍‌ଡିପିଓ ଶୁଭେନ୍ଦୁ ଶବର, ଓକିଲ ସଙ୍ଘ ସଭାପତି ପ୍ରଶାନ୍ତ ସାହୁ, ପୂର୍ବତନ ନଗରପାଳ ଝାଡ଼େଶ୍ୱର ମହାନ୍ତି, ପୌରାଞ୍ଚଳର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ। ଅଗ୍ନିଶମ ବିଭାଗ, ପୌର କର୍ମଚାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ସାଧାରଣତନ୍ତ୍ର ଦିବସକୁ ଶୃଙ୍ଖଳାର ସହ ପାଳନ କରାଯିବା ନେଇ ଅଧିକାରୀଙ୍କଠାରୁ ମତାମତ ନିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଉପ ଜିଲାପାଳ ସକାଳ ୮ଟା ୪୫ରେ ଡିଏନ୍‌କେ ଖେଳ ପଡ଼ିଆରେ ପତାକା ଉତ୍ତୋଳନ କରିବେ। ପୌରାଞ୍ଚଳର ଅନ୍ୟ ଅଫିସ ଓ ବିଦ୍ୟାଳୟ ଗୁଡ଼ିକ ୭ଟା୩୦ ସୁଦ୍ଧା ପତାକା ଉତ୍ତୋଳନ କାର୍ଯ୍ୟ ସାରିବାକୁ ନିଷ୍ପରି ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଉତ୍କଳ କଳା ସଂସଦ ଡିଏନକେ କ୍ଲବ୍ ଦାୟତ୍ୱ ତୁଲାଇବେ। ଏଥିପ୍ରତି ଉମରକୋଟ ପୋଲିସ ନଜର ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୧୬ରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବକ୍ତୃତା, ୧୭ରେ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟରେ ଚିତ୍ରାଙ୍କନ, ୧୯ରେ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା କେନ୍ଦ୍ର ଠାରେ ସଙ୍ଗୀତ ଓ ୨୦ରେ ବିଜୁ ପଟ୍ଟନାୟକ ମହିଳା ବିଦ୍ୟାଳୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜାନୁଆରୀ ୧୮ରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଚିତ୍ତରଞ୍ଜନ ପାତ୍ର, ମନୋଜ ନାୟକ, ଏସ୍‌ଆଇ ସୌମେନ୍ଦ୍ର ସେଠ, ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ବରିଷ୍ଠ ରାଜସ୍ୱ ସହାୟକ ରବୀନ୍ଦ୍ର କୁମାର ସାହୁ, କନିଷ୍ଠ ରାଜସ୍ୱ ସହାୟକ ପ୍ରକାଶ ଚନ୍ଦ୍ର ମିଶ୍ର, ଗଣମାଧ୍ୟମ ପ୍ରତିନିଧି , ମାର୍କଣ୍ଡ ସାହୁ, ଅଶୋକ ଡଙ୍ଗରି, ଖେଳ ଶିକ୍ଷକ ବ୍ରଜବନ୍ଧୁ କାଣ୍ଡି, ଉତ୍କଳ କଳା ସଂସଦ ର ସଭାପତି ବିପିନ ମାଝୀ, ସତ୍ୟ ନାରାୟଣ ଦାସ , ଚନ୍ଦନା ମଲ୍ଲିକ, ଅମରେଶ ମହାନ୍ତି, ପ୍ରଶାନ୍ତ ଘୋଷଙ୍କ ସହ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ରାଜସ୍ୱ ନିରୀକ୍ଷକ ରାଜେଶ ଦେଓରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜବରଦଖଲ ବସ୍ତି ଉଚ୍ଛେଦ

# ୮ ଘର ଭାଙ୍ଗିଲା ପ୍ରଶାସନ

**ଜୟପୁର,୧୩।୧(ସମିସ):**

କୋରାପୁଟ ଜିଲ୍ଲା ଜୟପୁର ପୌରାଞ୍ଚଳର ଗ୍ଲୋବାଲ ଚିକିତ୍ସାଳୟ ନିକଟରେ ସ୍ଥାନୀୟ ତହସିଲ ଜଗନ୍ନାଥପୁର ମୌଜାରେ ରହିଥିବା ଜୈନିକ ବ୍ୟକ୍ତିଙ୍କ ପୈତୃକି ୬୮ ଡେସିମିଲ ଜମି ମଧ୍ୟକୁ ୩୦ ଡେସିମିଲ ଜମିକୁ କିଛି ଲୋକ ଜୋର ଜବରଦଖଲ କରିଥିବା ଅଭିଯୋଗ କରିଥିଲେ। ସେମାନଙ୍କୁ ଜମି ଛାଡିବା ନେଇ ବାରମ୍ବାର ଅନୁରୋଧ କରାଯାଇଥିଲେ ସୁଦ୍ଧା କୌଣସି ସଫଳତା ମିଳିନଥିଲା। ସ୍ଥାନୀୟ ତହସିଲ , ଉପଜିଲ୍ଲାପାଳ ଓ ସିଭିଲ କୋର୍ଟରେ ମଧ ମାମଲା ରୁଜୁ ହୋଇଥିଲା। କିନ୍ତୁ ସେମାନେ ଉଠି ନଥିଲେ। ଶେଷରେ ହାଇକୋର୍ଟ ପକ୍ଷରୁ ତୁରନ୍ତ ଏକ ମାସ ମଧ୍ୟରେ ଜବରଦଖଲ ଜମିକୁ ଜବରଦଖଲକାରୀଙ୍କ ନିକଟରୁ ଉଚ୍ଛେଦ କରିବାକୁ ନିର୍ଦ୍ଦେଶନାମା ଜାରୀ କରାଯାଇଥିଲା। ଏହିପରି କୋର୍ଟ ପକ୍ଷରୁ ପ୍ରକୃତ ଜମି ମାଲିକଙ୍କ ଦାୟଦ ମାନଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଥିଲା। ଏଥିନେଇ ଜିଲ୍ଲାପ୍ରଶାସନର ନିର୍ଦ୍ଦେଶକ୍ରମେ ଜୟପୁର ତହସିଲଦାର ସବ୍ୟସାଚୀ ଜେନା ମାଜିଷ୍ଟ୍ରେଟ ଭାବେ ଘଟଣାସ୍ଥଳରେ ତହସିଲ କର୍ମଚାରୀ ଏବଂ ଟାଉନଥାନାର ଏକ ପ୍ଲାଟୁନ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ୮ ଘରର ଲୋକ ମାନଙ୍କୁ ସେମାନଙ୍କ ଘର ଭଙ୍ଗାଯିବ ତୁରନ୍ତି ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେମାନେ ଗରିବ ଶ୍ରେଣୀର, ତେଣୁ ସେମାନଙ୍କୁ ପ୍ରଥମେ ଥଇଥାନ କରାଯାଉ ଏବଂ ଏହାପରେ ସେମାନଙ୍କ ଘରଭଙ୍ଗା ଯାଉ ବୋଲି ଉପସ୍ଥିତ ଅଧିକାରୀ ମାନଙ୍କୁ କହିଥିଲେ। ସେମାନେ ଉଠିନଥିବା ଯୋଗୁଁ କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ଉଚ୍ଛେଦ କରାଯାଉଛି ବୋଲି ତହସିଲଦାର ଶ୍ରୀ ଜେନା ପ୍ରକାଶ କରିଛନ୍ତି। ସ୍ଥାନୀୟ ୨୨ ନମ୍ବର ୱାର୍ଡର କାଉନସିଲର ବିଷ୍ଣୁ ବର୍ଦ୍ଧନ ରେ‡, ପୀଡିତ ଲୋକ ଏବଂ ଅନ୍ୟାନ୍ୟ କିଛି ସ୍ଥାନୀୟ ବାସିନ୍ଦା ମାନେ ଗରିବ ଓ ଖଟିଖିଆ ଲୋକଙ୍କୁ ଥଇଥାନ ନ କରାଯାଇ ହଠାତ ଉଚ୍ଛେଦ କରିବା ନେଇ ଘଟଣାସ୍ଥଳରେ ବିରୋଧ ପକଟ କରିଥିଲେ। ପୁଲିସ କାଉନସିଲର ଶ୍ରୀ ରେ‡ଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇ ଥାନାକୁ ଆଣି ଅଟକ ରଖିବା ସହିତ ସଂଧ୍ୟାରେ ଛାଡିଥିଲେ। ପୁଲିସ ଉପସ୍ଥିତିରେ ପ୍ରୋକଲିନି ମେସିନ ସହାୟତାରେ ୮ଟି ଘରକୁ ଭାଙ୍ଗିବା ସହିତ ଅଭିଯୋଗକାରୀ, ପ୍ରକୃତ ଜମିର ମାଲିକ ରାମଚନ୍ଦ୍ର ନାୟକ ଏବଂ ପରିବାକୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଅତିରିକ୍ତ ତହସିଲଦାର ଶୁଭଲକ୍ଷ୍ମୀ ନାୟକ, ସୁପରଭାଇଜର ହରିହର ଚୌଧୁରୀ, ଦିଲ୍ଲୀପ କୁମାର ପ୍ରଧାନ ଓ ଟାଉନ୍ ଥାନା ଏସ.ଆଇ ରାଜେନ୍ଦ୍ର କୁମାର ପାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଭିଟିଏସ୍ ପାଇଁ ଫସିଲା ବେପାରୀଙ୍କ ୯ ଧାନ ଗାଡ଼ି

# ମଣ୍ଡିରେ ଅବ୍ୟବସ୍ଥାକୁ ନେଇ ଚାଷୀଙ୍କ ତାଲା ବନ୍ଦ ଆନ୍ଦୋଳନ



**ବୈପାରୀଗୁଡ଼ା,୧୩।୧(ସମିସ):** ଗତ ପାଞ୍ଚ ଦିନ ଧରି ରାମଗିରି ମଣ୍ଡିରେ ଅଖପାଖ ପାଞ୍ଚ ଖଣ୍ଡ ପଞ୍ଚାୟତ ଚିପାକୁର, ଦଣ୍ଡାବାଡ଼ି, ରାମଗିରି, ତେନ୍ତୁଳିଗୁମ୍ମାର ଚାଷୀଙ୍କ ଧାନ ମଣ୍ଡିରେ ରଖାଯାଇଛି । ଦିନ ରାତି ଶୀତ କାକରରେ ଜଗି ବସିଛନ୍ତି ଚାଷୀ। ୭୦ ଜଣ ଚାଷୀଙ୍କ ୨୮ ଶହ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡିରହିଛି ।ହେଲେ ମିଲର୍ସ ଆସୁନାହାନ୍ତି ।ଚାଷୀଙ୍କ ଧାନ ଉଠୁନି। କିନ୍ତୁ ଚଳିତ ବର୍ଷ ସରକାର ନୂଆ ନିୟମ ଭେଇକେଲ ଟ୍ରାକିଙ୍ଗ ସିଷ୍ଟମ (ଭିଟିଏସ) ଲାଗୁ କରିଛନ୍ତି । ଏଥିପାଇଁ ବାହାର ବେପାରୀଙ୍କ ଧାନ ମଣ୍ଡିରେ ସ୍କାନିଙ୍ଗ କରି ଏଣ୍ଟ୍ରି କରାଯାଉ ଥିବା ବେଳେ ତାତିଲେ ଚାଷୀ । ରାମଗିରି ମଣ୍ଡି ମେନ ଗେଟ ଆଗରେ ତାଲା ମାରି ଧାନ ଗାଡି ଅଟକ ରଖି ପ୍ରତିବାଦ କରୁଛନ୍ତି ଚାଷୀ। ପ୍ରଥମେ ମଣ୍ଡିରେ ପଡିରହିଥିବା ଚାଷୀଙ୍କ ଧାନ ଉଠାଯାଉ ବୋଲି ଦାବି କରିଛନ୍ତି । ଏନେଇ ଆରଏମସି ଷ୍ଟାପ ସୁନୀଲ ବାରିକ କହିଛନ୍ତି ଯେ, ଏଠାରେ ୯ଟି ମିଲ ଟ୍ୟାଗ ହୋଇଛି। ଆଉ ଆଜି ଚାରିଟା ମିଲର ମାସ ଯାହା କି ଟାର୍ଗେଟ ଅଛି । କିନ୍ତୁ କେବଳ ସମଲା ରାଇସ୍ ମିଲର ଗୋଟିଏ ଗାଡି ଆସିଛି । ବଳକା ଗାଡି ଆସିଲେ ଧାନ ଲୋଡ଼ ହେବ। ସେ ଗୋଟିଏ ଗାଡ଼ିରେ ୧୫୦ କ୍ୱିଣ୍ଟାଲ ଧାନ ଲୋଡ଼ ହୋଇ ଯାଇଛି। କିନ୍ତୁ ବଳକା ଧାନ ପଡିରହିଛି ବୋଲି କହିଥିଲେ। ଏନେଇ ଆମ ପ୍ରତିନିଧି ସ୍ଥାନୀୟ ତହସିଲଦାର, ଲ୍ୟାମ୍ପ୍‌ସ ଏମଡି ଏବଂ ଯୋଗାଣ ନିରୀକ୍ଷକଙ୍କୁ ଯୋଗାଯୋଗ କରି ସମସ୍ୟା ବିଷୟରେ ଅବଗତ କରିଥିଲେ। ଆଜି ସନ୍ଧ୍ୟାରେ ୩ଟି ଗାଡି ମଣ୍ଡିରେ ପହଞ୍ଚିଥିଲା ଏବଂ ଧାନ ଉଠା ଆରମ୍ଭ ହୋଇଥିଲା

# ସାଂସଦ ମାନସ ମଙ୍ଗରାଜଙ୍କୁ ବୀର ସୁରେନ୍ଦ୍ର ସାଏ ପାଠାଗାରର ସମ୍ବର୍ଦ୍ଧନା



**କୋରାପୁଟ,୧୩।୧(ସମିସ):** ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କୁ କୋରାପୁଟ ବ୍ଲକ ଡୁମୁରିପୁଟ ସ୍ଥିତ ବୀର ସୁରେନ୍ଦ୍ର ସାଏ ପାଠାଗାର ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପାଠାଗାର ସଭାପତି ଏମ, ସୁରେଶ କୁମାର, ସମ୍ପାଦକ ଜଗଦୀଶ ଖୋସଲା, ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟ ସୁକାନ୍ତ ନାୟକ, ସୁବୋଧ ଚେଟ୍ଟି ପ୍ରମୁଖ ଦାମନଯୋଡି ନାଲ୍‌କୋ ଅତିଥି ଭବନରେ ଶ୍ରୀ ମଙ୍ଗରାଜଙ୍କୁ ଭେଟି ଉତ୍ତରୀୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେ ପାଠାଗାରର କର୍ମକର୍ତ୍ତା ମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଡୁମୁରିପୁଟ ରେଳ ଷ୍ଟେସନରେ ହୀରାଖଣ୍ଡ, ସମଲେଶ୍ୱରୀ, ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ରହଣୀ ସମ୍ପର୍କରେ ଆଲୋଚନା କରି ଏଥିପ୍ରତି ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ଡୁମୁରିପୁଟ ଷ୍ଟେସନରେ ଏକ୍ସପ୍ରେସ ଟ୍ରେନ ରହଣୀ ବିଷୟରେ ସେ ରେଳ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ, ପୂର୍ବତଟ ରେଳବାଇର ମୁଖ୍ୟ ଓ ଡିଆରଏମଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଡିଲେ ସଂସଦରେ ଦାବି ଉଠାଇବେ ବୋଲି କହିଥିଲେ। ଅନ୍ୟ ପକ୍ଷରେ ପାଠାଗାରର ଉନ୍ନତି କରଣ ପାଇଁ ସାଂସଦ ଶ୍ରୀ ମଙ୍ଗରାଜଙ୍କୁ ଅନୁଦାନ ଦେବାକୁ ପାଠାଗାର କର୍ମକର୍ତା ଅନୁରୋଧ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ସ୍ୱଦେଶୀ ସଂକଳ୍ପ ଦୌଡ଼, ସ୍ୱଦେଶୀ ସଂକଳ୍ପ ଯାତ୍ରାର ଶୁଭାରମ୍ଭ




**କୋରାପୁଟ,୧୩।୧(ସମିସ)** ଭାରତକୁ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ରୂପରେ ଆତ୍ମନିର୍ଭର କରିବା ଉଦ୍ଦେଶ୍ୟରେ ସ୍ୱଦେଶୀ ବିଚାର ଧାରାକୁ ଜନମାନସରେ ପହଞ୍ଚାଇବା ପାଇଁ ସ୍ୱଦେଶୀ ଜାଗରଣ ମଞ୍ଚ ତତ୍ତ୍ୱାବଧାନରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ କୋରାପୁଟରେ ସ୍ୱଦେଶୀ ସଂକଳ୍ପ ଦୌଡ଼ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସବୁଜ ପତାକା ଦେଖାଇ ଦୌଡର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥିଭାବେ କୋରାପୁଟ ପୌର ପରିଷଦର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସରକାରୀ ଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ସ୍ୱଦେଶୀ ସଂକଳ୍ପ ଦୌଡ଼ କୋରାପୁଟ ଷ୍ଟାଡିୟମରୁ ଆରମ୍ଭ ହୋଇ ପୂଜାରିପୁଟ, ଜଗନ୍ନାଥ ମନ୍ଦିର ଛକ ପୋଷ୍ଟ ଅଫିସ ଛକ, ସିନେମା ହଲ, ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଦେଇ ହାଇସ୍କୁଲ ପଡିଆ ଠାରେ ପହଞ୍ଚି ଥିଲା। ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ଶତାଧିକ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ। ହାଇସ୍କୁଲ ପଡିଆ ଠାରେ ଦୌଡ଼ ପହଁଚିବା ପରେ କୋରାପଟ ବିଧାୟକ ରଘୁରାମ ମାଛ ଯୋଗଦେଇ ଦୈନନ୍ଦିନ ଜୀବନରେ ସ୍ୱଦେଶୀ ଅପଣେଇବାକୁ ସମସ୍ତଙ୍କୁ ସ୍ୱଦେଶୀ ସଂକଳ୍ପ କରାଇଥିଲେ।ଏହି ଦୌଡ଼ କେବଳ ଏକ ଶାରୀରିକ ଗତିବିଧି ନୁହେଁ ବରଂ ସ୍ୱଦେଶୀ ଆପଣେଇ ଆତ୍ମନିର୍ଭର ଭାରତ ଗଠନ କରିବା ତଥା ରାଷ୍ଟ୍ରହିତ ପ୍ରତି ସଂକଳ୍ପର ଏକ ପ୍ରତୀକ ବୋଲି ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସହ ସଂଯୋଜକ ମନୋରଞ୍ଜନ ରାଉତରାୟ କହିଛନ୍ତି।ହାଇସ୍କୁଲ ପଡ଼ିଆରୁ ସ୍ୱଦେଶୀ ସଂକଳ୍ପ ରଥକୁ ବିଧାୟକ ଶ୍ରୀ ମାଛପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଦକ୍ଷିଣ ପଶ୍ଚିମ ଓଡିଶାର ୧୪ଟି ଜିଲ୍ଲାରେ ବୁଲି ସ୍ୱଦେଶୀ ସନ୍ଦେଶ ପ୍ରଚାର କରିବ ବୋଲି ଆୟୋଜକ କହିଛନ୍ତି। ରବି ନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା ସଂଯୋଜକ ମୃତ୍ୟୁଞ୍ଜୟ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ସୋନେଜା, ସୌମେନ୍ଦ୍ର ସ୍ୱାଇଁ, ପ୍ରଦୀପ୍ତ ବାରିକ, ମୁରଲୀଧର ଅଧିକାରୀ, ତନ୍ମୟ ପ୍ରଧାନ, ଅର୍ଜୁନ ଦାସ, ବିଜେପି ର ଜିଲ୍ଲା ସଭାପତି ଶିବ ମୁଦୁଲି, କେଶବ ପଟନାୟକ, ପ୍ରଶାନ୍ତ ପାତ୍ର, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ରତିକାନ୍ତ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ଭୂମିଆ ସମାଜର ପୁଷପୁନିଂ ଭେଟଘାଟ ପ୍ରସ୍ତୁତି ବୈଠକ

**ମାଥିଲି,୧୩।୧(ସମିସ):** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ମେଣ୍ଡୁକୁଲି ଭୂମିଆ ସମାଜର ପୁଷପୁନିଂକୁ ଭେଟଘାଟ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ସଭାପତି ହଳଧର ପୂଜାରୀ, ମୁଖ୍ୟ ନାୟକ ରାମଚନ୍ଦ୍ର ନାୟକ, ସାଲିମି ଗଡଜୋନର ସଭାପତି ବାସୁଦେବ ଭୂମିଆ, ସମ୍ପାଦକ ନୀଳକଣ୍ଠ ଭୂମିଆ ଓ ଶୁକଦାସ ଡୁରୁକାଙ୍କ ସମେତ ୬୦ଟି ଗ୍ରାମର ସମାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବର୍ଷ ସମାଜର ପୁଷପୁନିଂ୨୦୨୬ ଭେଟଘାଟ ସର୍ବ ସମ୍ମତି କ୍ରମେ ତାଳପଦର ଗ୍ରାମରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପୁଷପୁନିଂ ୨୦୨୬ ଭେଟଘାଟ ଫେବୃୟାରୀ ୮ ତାରିଖରେ ତାଳପଦର ପଡ଼ିଆ ଠାରେ ପାଳିତ ହେବ। ଉତ୍ସବର ବିଭିନ୍ନ କମିଟି ଗଠନ କରାଯାଇ ସୂଚାରୁ ରୂପେ ସମସ୍ତ କାର୍ଯ୍ୟ ସମ୍ପାଦନା ପାଇଁ ସମସ୍ତ ସଭ୍ୟ ସଭ୍ୟାଙ୍କୁ ଅବଗତ କରଯାଇଥିଲା।

## ରାଜ୍ୟ କାୟାକଳ୍ପ ଦଳର ଜିଲ୍ଲା ଚିକିତ୍ସାଳୟ ତଦାରଖ

**ଜୟପୁର,୧୩।୧(ସମିସ ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟକୁ ଆଜି ପୂର୍ବାହ୍ନରେ ରାଜ୍ୟ କାୟାକଳ୍ପ ଦଳରେ ନିଯୁକ୍ତ ୩ଜଣିଆ ପ୍ରତିନିଧି ପହଞ୍ଚି ତଦାରଖ କରିବା ସହିତ ମୂଲ୍ୟାଙ୍କନ କରିଥିଲେ। ରାଜ୍ୟ ଦଳରେ ଆଇଡିଏସପି ସେଲର ଡା. ସୁରଜିତ ଗରାବଡୁ, ବିଏମଡବ୍ଲୁ ଏନର ପରାମର୍ଶଦାତା ସୌମ୍ୟକାନ୍ତ ପାତ୍ର ଏବଂ ୟୁନିସେଫର ରାଜ୍ୟ ପରାମର୍ଶ ଦାତା ଡା.ଅନିଲ କୁମାର ପଟ୍ଟନାୟକ, ଉପସ୍ଥିତ ରହି ଜିଲ୍ଲା ଚିକିତ୍ସାଳୟର ସଫେଇ, ବାୟୋ ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା, କର୍ମଚାରୀଙ୍କ ବୈଷୟିକ ଜ୍ଞାନ, ପରିମଳ ଓ ସ୍ୱଚ୍ଛତା, ସବୁଜ ପରିବେଶକୁ ନେଇ ତର୍ଜମା କରିଥିଲେ। ସେହିପରି ବିଭିନ୍ନ ଆଧୁନିକ ମେସିନର କାର୍ଯ୍ୟକାରିତା, ସୌରଶକ୍ତିରେ ପରିଚାଳିତ ବିଦ୍ୟୁତ ଉପକରଣ ପ୍ରଭୃତିର ତଦାରଖ, ଯାଞ୍ଚ ସହିତ ମୂଲ୍ୟାଙ୍କନ କରିଥିଲେ। ଜିଲ୍ଲା ଚିକିତ୍ସାଳୟର ଅଧିକାରୀ ଡା. ଅକ୍ଷୟ ରଥ, ଡା. ବାଲି ଜୟାବାବୁ, ଡା. ସସ୍ମିତା ଦାସ, ଡା, ଅରବିନ୍ଦ ନେପାକ, ଡା. ଦୁର୍ଗା ପ୍ରସାଦ ପାତ୍ର, ଡା ସଲାମ, ଡା ସୁନୀଲ ପଣ୍ଡା, ଡା. ଗୌତମ ତ୍ରିପାଠୀ, ଡା ଶତାବ୍ଦୀ ମିଶ୍ର, ଡା. ରିତ୍ୱିକ ପାଢୀ, ଡା. ସଲାମ. ଡା. ସୁଶ୍ରି ଏବଂ ଚିକିତ୍ସାଳୟ ମ୍ୟାନେଜର ରୂପସୀ ମଧୁମିତା ନାୟକ, ତଥାଗତ ଦାସ, ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପ୍ରକାଶଯେ, ଗତ ମାସ ଡିସେମ୍ବର ୧୦ ତାରିଖରେ ମାଲକାନଗିରିରୁ ନିଯୁକ୍ତ ୩ ଜଣିଆ ଦଳକୁ ନେଇ ଗଠିତ ଜିଲ୍ଲା ସ୍ତରୀୟ ଦଳ ଜୟପୁର ଠାରେ ପହଞ୍ଚି ତଦାରଖ କରିଥିଲେ

# ଏରୋନଟିକ୍ସ ଡିଏଭି ହାଇସ୍କୁଲର ବାର୍ଷିକ ଉତ୍ସବ

**ସୁନାବେଡା ,୧୩।୧(ସମିସ);**

ଏରୋନଟିକ୍ସ ଡି ଏ ଭି ହାଇସ୍କୁଲ ର ୫୭ତମ ବାର୍ଷିକ ଉତ୍ସବ ' ପ୍ରେରଣା ' ଦୁଇ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟ ଅତିଥି ରୂପେ ଏ ଇ ଏସ ର ସାଧାରଣ ସମ୍ପାଦକ ଏନ, ରବି ଶଙ୍କର ପଟ୍ଟନାୟକ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏ ଇ ଏସ ର କୋଷାଧକ୍ଷ ଅନୁଜ କୁମାର ସିଂ ଚୌହାନ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ନିଜ ବିଦ୍ୟାଳୟ ଜୀବନର ଅନୁଭୂତିକୁ ବର୍ଣ୍ଣନା କରି ସେମାନଙ୍କ ମନରେ ଅନେକ ପ୍ରେରଣା ରଖି ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ବସନ୍ତ କୁମାର ନାୟକ ଛାତ୍ରଛାତ୍ରୀମାନଙ୍କୁ ନିଜର ଓଜସ୍ୱିନୀ ଭାଷଣ ଦ୍ୱାରା ସେମାନଙ୍କ ମନରେ ସକାରାତଂକ ଭାବନା ସୃଷ୍ଟି କରିଥିଲେ।ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ କଳ୍ପନା ଜେନା ଛାତ୍ରଛାତ୍ରୀମାନଙ୍କୁ ନିଜର ଉଦ୍‌ବୋଧନ ମାଧ୍ୟମରେ ପ୍ରଶଂସା ପୂର୍ବକ ସେମାନଙ୍କୁ ସୁନାଗରୀକ ହୋଇ ଦେଶର ଉନ୍ନତିରେ ଭାଗୀଦାର ହେବା ପାଇଁ ପ୍ରେରଣା ଯୋଗାଇ ଥିଲେ।ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୋନାଲି ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ର ଦ୍ୱିତୀୟ ଦିବସରେ ସୁନାବେଡା ହାଲ ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀରଙ୍ଗ ଅନଙ୍ଗ କୋଠେ ମୁଖ୍ୟ ଅତିଥି ଯୋଗ ଦେଇ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ କିପରି ଜଣେ ଜଣେ ଉଚ୍ଚକୋଟିର ସୁନାଗରିକ ହୋଇପାରିବେ, ସେଥି ନିମନ୍ତେ ନିଜର ଅନୁଭୂତି ବର୍ଣ୍ଣନା କରି ଅନେକ ଉଦାହରଣ ଦ୍ୱାରା ସେମାନଙ୍କ ମନରେ ଅପୂର୍ବ ପ୍ରେରଣା ପ୍ରଦାନ କରିଥିଲେ। ହାଲ ଇଞ୍ଜିନ ପ୍ରଭାଗ ର ମହାପ୍ରବନ୍ଧକ କଲ୍ଲୋଳ ଭଟ୍ଟାଚାର୍ଯ୍ୟ ଏବଂ ହାଲ ସୁଖୋଇ ଇଞ୍ଜିନ ପ୍ରଭାଗ ର ମହାପ୍ରବନ୍ଧକ ସରୋଜ କୁମାର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନିଜର ପ୍ରେରଣାଦାୟୀ ମାର୍ଗଦର୍ଶନ ପ୍ରଦାନ କରିଥିଲେ।ଏନ ରବି ଶଙ୍କର ପଟ୍ଟନାୟକ ଓ ବସନ୍ତ କୁମାର ନାୟକ ବରେଣ୍ୟ ଅତିଥି ଭାବେ ଉପସ୍ଥିତ ରହି ନିଜର ଅଭିଭାଷଣ ପ୍ରଦାନ କରିଥିଲେ।ପ୍ରଧାନ ଶିକ୍ଷକ ଶ୍ରୀମତୀ କଳ୍ପନା ଜେନା ୨୦୨୫ -୨୦୨୬ ଶିକ୍ଷାବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ୨୦୨୫ ର ବିଦ୍ୟାଳୟ ଟପ୍ପର ତନ୍ମୟ ପ୍ରଧାନ ଓ ସର୍ବ ଶ୍ରେଷ୍ଠ ଛାତ୍ରୀ ରୂପେ ସୁଶ୍ରୀ ସୁସ୍ମିତା। ମିଶ୍ରଙ୍କୁ ପୁରସ୍କୃତ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ନିଜ କରକମଳରେ ପୁରସ୍କାର ପ୍ରଦାନ କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ କ୍ଷିତିଶ ଚନ୍ଦ୍ର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶୁଭସ୍ମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସହାୟକ କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ ପ୍ରଦାନ କରିଥିଲେ।ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା।

## ବସ୍ତ୍ରରେ ନିଆଁ ଲାଗି ପକ୍ଷାଘାତ ବ୍ୟକ୍ତି ଗୁରୁତର

**ପାପଡାହାଣ୍ଡି,୧୩।୧(ସମିସ):** ପାପଡାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ଖଲିଗୁଡା ଗ୍ରାମର ପକ୍ଷାଘାତ ବ୍ୟକ୍ତି ଇସ୍ତିପାଲ ସୁନା (୬୦) ଆଜି ଦିନ ୩.୩୦ ସମୟରେ ନିଜ ଘରେ ଶୀତଦାଉରୁ ରକ୍ଷା ପାଇଁ ନିଆଁ ଲଗାଇ ବସିଥିଲା ବେଳେ ପିନ୍ଧି ଥିବା ବସ୍ତ୍ରରେ ନିଆଁ ଲାଗିଯିବାରୁ ସେ ପୋଡି ଯାଇଛନ୍ତି। ତାଙ୍କ ଦେହର ୮୦ ଭାଗ ପୋଡି ଯାଇଛି। ସେ ପାଟି କରିବାରୁ ପରିବାରଲୋକେ ଦେଖି ତୁରନ୍ତ ତାଙ୍କୁ ଏକ ଅଟୋରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଭର୍ତ୍ତି କରିଥିଲେ ଡାକ୍ତର ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଦ୍ୱାରା ଜିଲ୍ଲା ଚିକିତ୍ସାକେନ୍ଦ୍ରକୁ ସ୍ଥାନାନ୍ତର କରିଛନ୍ତି।

## ବନ୍ଧୁଗାଁ ବ୍ଲକରେ ଅଭିଯୋଗ ଶୁଣାଣି

**ବନ୍ଧୁଗାଁ, ୧୩।୧ (ଇମିସ):** ବନ୍ଧୁଗାଁ ବ୍ଲକ ସଭାଗୃହରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତପନ କୁମାର ନାଏକଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ ୬୪ଟି ଅଭିଯୋଗ ଶୁଣାଣି ହୋଇଛି। ସେଥି ମଧ୍ୟରୁ ୪୯ ଗୋଷ୍ଠୀଗତ ଓ ୨୪ ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଏହି ଶିବିରରେ ସ୍ଥାନୀୟ ବିଡିଓ ମିନତୀ ଜଗଦେବଙ୍କ ଅଧ୍ୟକ୍ଷତା କରିଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଆଇଟିଡିଏ ପ୍ରୋଜେକ୍ଟ ଏଡମିଷ୍ଟେଟର ସ୍ନେହପ୍ରଭା ମାଝି, ତହସିଲଦାର ସୋନାଲି ପାତ୍ର , ଡିପିଓ ଯୁଗଳ କିଶୋର ନାଏକ , ଅର୍ଜୁନ ନାଏକ, ସିଡିପିଓ ଗୀତାଞ୍ଜଳୀ ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ।

# କ୍ଷତିପୂରଣ ନ ଦେଇ ଟାଟା ପାୱାର ଦଣ୍ଡିତ

**ନବରଙ୍ଗପୁର,୧୩।୧(ସମିସ):** ଏକ ମାମଲାର ବିଚାରଣା କରି ବରିଷ୍ଠ ଦେୱାନୀ ଅଦାଲତର ବିଚାରପତି ମୋନିତା ତ୍ରିପାଠୀ ଟାଟା ପାୱାର କମ୍ପାନୀକୁ ୧୬ ଲକ୍ଷ ୯୮ ହଜାର ୩୩୫ ଟଙ୍କା ୨୦ ପଇସା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । ଯଦି ଟାଟା ପାୱାର ଉକ୍ତ ଅର୍ଥକୁ ନ ଦିଏ, ତେବେ ବାର୍ଷିକ ୬ ପ୍ରତିଶତ ସୁଧ ସହ କ୍ଷତି ଭରଣା କରିବେ। ସୂଚନା ଅନୁଯାୟୀ ବିଦ୍ୟୁତ ବିଭାଗର ଚରମ ଅବହେଳା ଯୋଗୁଁ ନବରଙ୍ଗପୁର ବସଷ୍ଟାଣ୍ଡ ନିକଟରେ ଜବାଗୁଡା ଗ୍ରାମର ଫିରୋଜ ନାଗ ଗତ ୨୦୨୧ ଜୁଲାଇ ୧୫ ତାରିଖ ଦିନ ଡାଳ କାଟୁଥିବା ବେଳେ ଗଛ ରେ ଓହଳି ଥିବା ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ଉକ୍ତ ଘଟଣାକୁ ନେଇ ମୃତକ ଙ୍କ ପରିବାର ତରଫରୁ ଟାଟା ପାୱାର କମ୍ପାନୀକୁ ଅନେକ ବାର ଗୁହାରି କରିବା ପରେ ମଧ କମ୍ପାନୀ ତରଫରୁ କୌଣସି ପ୍ରକାର ପଦକ୍ଷେପ ନିଆଗଲା ନାହିଁ । ଶେଷରେ ମୃତକଙ୍କ ପରିବାର ପକ୍ଷରୁ ସ୍ଥାନୀୟ ନବରଙ୍ଗପୁର ବରିଷ୍ଠ ଦେୱାନୀ ଅଦାଲତର ଆଶ୍ରୟ ନେଇଥିଲେ। ସମସ୍ତ ସାକ୍ଷ୍ୟ ଓ ଦଲିଲକୁ ବିଚାରଣା କରିବା ପରେ ଅଦାଲତ ଟାଟା ପାୱାର କମ୍ପାନୀକୁ ଉକ୍ତ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଆବେଦନକାରୀ ମାନଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ନରସିଂହ ତ୍ରିପାଠୀ ଓ ତାଙ୍କ ସହଯୋଗୀ ମାମଲାକୁ ପରିଚାଳନା କରୁଥିଲେ ବୋଲି ଆଇନଜୀବୀ ସୁକାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତ।

## ଭଞ୍ଜ ସଂସଦର ବାର୍ଷିକ ଉତ୍ସବ

**ସୁନାବେଡା ,୧୩।୧ (ସମିସ):**

ସୁନାବେଡା ସ୍ଥିତ ଭଞ୍ଜ ସଂସଦର ୩୧ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହେଇଯାଇଛି। ସଭାପତ କାଳୁ ଚରଣ ବେହେରା ସହ ମୁଖ୍ୟଅତିଥି ରୂପେ ହାଲ ସୁନାବେଡାର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରିରଙ୍ଗ ଅନିଲ ରାଓ କୋଠେ ଓ ସମ୍ମାନନୀୟ ଅତିଥି ରୂପେ ମହାପ୍ରବନ୍ଧକ ଇଞ୍ଜିନ ଡିଭିଜନ କଲୋଲ ଭଟ୍ଟାଚାର୍ଯ୍ୟ , ସୁଖୋଇ ଇଞ୍ଜିନ ଡିଭିଜନ ମହାପ୍ରବନ୍ଧକ ସରୋଜ ପଣ୍ଡା ଓ ଡାଇରେକ୍ଟର ଆରସିଏମଏ , ନୀଳମାଧବ ମହାରଣା ସଭାରେ ଯୋଗ ଦେଇଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ପ୍ରଦୋଷ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ କୋଠେ ଭଞ୍ଜ ସଂସଦର କାର୍ଯ୍ୟକୁ ଭୂରି ପ୍ରଶଂସା କରିଥିଲେ । ସଭାପତି ସଂସଦର ନିଜସ୍ୱ କାର୍ଯ୍ୟାଳୟ ପାଇଁ ଏକ ଗୃହ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ସାଧାରଣ ସମ୍ପାଦକ ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ। ନିଜ କାର୍ଯ୍ୟ ଜଞ୍ଜାଳରୁ ବିଦାୟ ନେଇଥିବା ସଂସଦର ବରିଷ୍ଠ ସଭ୍ୟ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଡଃ ଦେବଦତ୍ତ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଅରୁଣ ପଣ୍ଡା ନୂତନ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରିଥିଲେ ଓ ପୂର୍ବତନ ସଭାପତି ଲକ୍ଷ୍ମୀ ନାରାୟଣ ଗୌଡ଼ ସେମାନଙ୍କୁ ଶପଥ ପାଠ କରାଇଥିଲେ। ସକାଳ ଅଧିବେଶନର ଶେଷରେ ସାହିତ୍ୟ ସମ୍ପାଦକ ଶ୍ରୀ ଜିତେନ୍ଦ୍ର କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟା କାଳୀନ ଅଧିବେଶନରେ ମୁଖ୍ୟ ଅତିଥି ରୁପେ ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ଡ଼. ରାଜେନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଓ ସୁନାବେଡା ମହିଳା ମହା ବିଦ୍ୟାଳୟର ଅଧ୍ୟକ୍ଷା ଉଷାରାଣୀ ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସଂସଦର ପିଲାମାନେ ଉଚ୍ଚ କୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଅମର ବାଉତ୍ୟା ରଚିତ, ନିର୍ଦ୍ଦେଶିତ ଓ ଅଭିନୀତ ଗଞ୍ଜାମ ଭାଷା, ଢଗଢମାଳି ଓ ପରମ୍ପରାକୁ ନେଇ ପ୍ରସ୍ତୁତ ନାଟକ " ବୋହୂ ରିଲ୍ସ ବାଲି" ସମସ୍ତଙ୍କୁ ବିମୋହିତ କରିଥିଲା।

# ମଣ୍ଡି ଅବ୍ୟବସ୍ଥା ନେଇ ବିଜେଡିର ବିକ୍ଷୋଭ, ବନ୍ଦ ପାଳନ





**ଚନ୍ଦାହାଣ୍ଡି,୧୩।୧(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକରେ ମଣ୍ଡି ଅବ୍ୟବସ୍ଥା ନେଇ ବିଜେଡି ପକ୍ଷରୁ ୧୨ ଘଣ୍ଟିଆ ବିକ୍ଷୋଭ ଓ ବନ୍ଦ ପାଳନ କରାଯାଇଛ। ବ୍ଲକ ବିଜେଡି ସଭାପତି ଗୌରହରି ନାୟକଙ୍କ ତତ୍ତ୍ୱାବଧାନରେ ୮ ଦାବି ନେଇ ଏହି ବନ୍ଦ ପାଳନ ହୋଇଛି। ବନ୍ଦ ପାଳନ ସମୟରେ ଜରୁରୀକାଳିନ ସେବା ବ୍ୟତୀତ ବିଜେଡି କର୍ମୀ ମାନେ ଗାଁରୁ ପଞ୍ଚାୟତ, ବ୍ଲକ ପର୍ଯ୍ୟନ୍ତ ବିଜେପ ରାଜ୍ୟ ସରକାର ବିରୋଧରେ ବିଭିନ୍ନ ନାରାବାଜୀ ହୋଇଥିଲା। ପ୍ରତ୍ୟେକ ଅଫିସ ବନ୍ଦ କରିବା ସହ ଅନ୍ୟାନ୍ୟ ସଦର ସ୍ଥିତ ହାଟ ସମେତ ଅଞ୍ଚଳର ସମସ୍ତ ଦୋକାନ, ଚକ ଅଖ, ସ୍କୁଲ କଲେଜ ସବୁ ବନ୍ଦ ରହିଥିଲା। ଏହି ବିକ୍ଷୋଭ ଓ ବନ୍ଦ ପାଳନ କାର୍ଯ୍ୟକ୍ରମଟିରେ ନବରଙ୍ଗପୁର ପୂର୍ବତନ ସାଂସଦ ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ଝରୀଗାଁ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ସଭ୍ୟା ଜୋନ ୧ ବର୍ଷାରାଣୀ ପଟେଲ ଓ ଜୋନ ୨ କେତକୀମଲ୍ଲୀ ଗୌଡ଼, ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ବରିଷ୍ଠ ନେତା ପ୍ରମୋଦ କୁମାର ପାଢ଼ୀ, ଯୁବରାଜ ଜଗତ, ଝୁମୁକଲାଲ ସାହୁ, ସନୀନ୍ଦ୍ର ସୋରି, ରଷୁ ବାଗ, କିଶୋର ଖମାରି, ପୁରୁଷୋତ୍ତମ ପାରି, ଗମ୍ଭୀର ଚୌହାନ, ତ୍ରିନାଥ ଦାଶ,ଗୌରୀ ନେଙ୍ଗୀ, ଲଛ ମାଝୀ, ଯୁଗେଶ୍ୱର ନାଗ, ମୋତିଲାଲ ସାହୁ, ଭୋଜରାମ ସିହ୍ନା, ଭୀମସେନ ଡଙ୍ଗରୀ, ପଞ୍ଚାୟତ ସଭାପତି ରଜତ ଜଗତ, କମଲୁ ମନହିରା,ପର୍ଶୁରାମ ନାୟକ, ଖଗେଶ୍ୱର ବାଘ, ପୁରୁନ ସିହ୍ନା, ସେସମଲ ହରପାଲ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ବିଜେଡି କର୍ମୀ ଯୋଗଦାନ ସହ ବନ୍ଦ ପାଳନକୁ ସଫଳ କରିଥିଲେ।

**ନନ୍ଦାହାଣ୍ଡି, :** ଆଜି ନବରଙ୍ଗପୁର ଜିଲ୍ଲା ବିଜେଡି ପକ୍ଷରୁ ୧୨ ଘଣ୍ଟିଆ ଚକଅଖ ବନ୍ଦ ଡାକରାରେ କରିଥିବା ବେଳେ ତାହାର ପ୍ରଭାବ ନନ୍ଦାହାଣ୍ଡି ବ୍ଲକ ଠାରେ ମଧ ଦେଖିବାକୁ ମିଳିଥିଲା। ସମସ୍ତ ଚାଷୀ ରାଜରାସ୍ତାକୁ ଓହ୍ଲାଇ ବିଜେଡିକୁ ସମର୍ଥନ ଦେଇ ନିଜର ହକ୍ ପାଇଁ ମୁହଁ ଖୋଲିଥିଲେ। ବଙ୍ଗର ଭେଜା ଛକ ଠାରେ ଚକାଜାମ କରାଯାଇଥିଲା। ବର୍ତ୍ତମାନ ଯଦି ସରକାର ଚାଷୀଙ୍କ ସମସ୍ୟା ପାଇଁ ସମାଧାନ ନ କରନ୍ତି , ଆଗାମୀ ଦିନରେ ତୀବ୍ରତର ଆନ୍ଦୋଳନ କରାଯିବ ବୋଲି ବିଜେଡି ସଭାପତି ଦୟାନିଧି ବିଷୋୟୀ. ସମିତି ସଭ୍ୟ ଅଭିମନ୍ୟୁ ନାୟକ, ଲକି ମାଝୀ. ଯୋଗବନ୍ଧୁ ଯାନୀ. ନିଦ୍ଧିମାଳୀ., କୃଷ୍ଣ ଗୌଡ଼. ଲାବ୍ୟାନ ବିଷୋୟୀ. ଜିତେନ୍ ଭତରା, ବୃନ୍ଦବନ ନାୟକ, ଖଗେଶ୍ୱର ଜାନି କହିଛନ୍ତି। ଆଜିର ଚକଅଖ ବନ୍ଦ ପାଇଁ ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଚାଷୀଙ୍କ ସମସ୍ୟା ଉପରେ ସରକାର ଚିନ୍ତା କରି ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି। ଚକଅଖ ବନ୍ଦ ଥିବା ବେଳେ ଜରୁରୀକାଳୀନ ସେବା ଓ ଦୋକାନ ବଜାର ସବୁ ଖୋଲା ରହିଥିଲା।

**କୋଷାଗୁମୁଡା:** ମଣ୍ଡିରେ ଧାନ ବିକ୍ରି ନେଇ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଆଜି ବିଜେଡି ପକ୍ଷରୁ ନବରଙ୍ଗପୁର ବନ୍ଦ ଡାକରା ଦେବା ସହିତ ଅଖଚକ ବନ୍ଦ କରାଯାଇଛି। ଜିଲ୍ଲାର ବିଭିନ୍ନ ଛକ ଜାଗା ମାନଙ୍କରେ ବିଜେଡି କର୍ମୀମାନେ ଉପସ୍ଥିତ ରହି ଚାରି ଚକିଆ ଯାବାହନ ଗାଡି ସବୁ ଅଟକାଇ ଆନ୍ଦୋଳନକୁ ତୀବ୍ର କରିଥିବା ଦେଖିବାକୁ ମିଳିଛି। ଏହି ଆନ୍ଦୋଳନରେ ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝୀ, ମୋତିଗାଁ ସମିତି ସଭ୍ୟ ତ୍ରିଲୋଚନ ଧାକଡ଼, ପୂର୍ବତନ ସରପଞ୍ଚ ହରିବନ୍ଧୁ ମାଝୀ, ଯୁବ ନେତା ସଞ୍ଜୟ ପଟ୍ଟନାୟକ, ଭି ପ୍ରସାଦ ରାଓ, ବାଲେଶ କୋଷ୍ଟା, ବାଲାଜୀ ପଟ୍ଟନାୟକ, ଅନିଲ ବାଘ ଓ କର୍ମକର୍ତା ମାନେ ଉପସ୍ଥିତ ରହି ଆନ୍ଦୋଳନକୁ ଜାରି ରଖିଛନ୍ତି। ରାସ୍ତା ଉପରେ ଶହ ଶହ ଯାନବାହାନ ଅଟକି ରହିଥିବା ଯୋଗୁଁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ତେବେ ଦୋକାନ ବଜାର, ଔଷଧ ଦୋକାନ ଓ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକ ଖୋଲା ରହିଥିଲା। ଆଜି ସକାଳ ୬ଟାରୁ ରାସ୍ତା ଉପରେ ଶହ ଶହ ଯାନବାହାନ ଅଟକି ରହିଥିଲା।

